



# 32

# ଶୈଳରାସାୟନିକ (Petrochemicals)

ରସାୟନ ବିଜ୍ଞାନ ପାଠ୍ୟକ୍ରମର ପ୍ରଥମ 5 ଟି ମଡ୍ୟୁଲରେ ତୁମେ ସାଧାରଣ ମୌଳିକ ତଥ୍ୟ ସମ୍ବନ୍ଧରେ ଶିକ୍ଷା ଲାଭ କରିଛ । ପ୍ରଥମ ମଡ୍ୟୁଲରେ s, p, d ଓ f ଗୋଷ୍ଠୀ ମୌଳିକ ମାନଙ୍କ ବିଷୟରେ ଓ ଦ୍ୱିତୀୟ ମଡ୍ୟୁଲରେ ଜୈବ ଯୌଗିକ ମାନଙ୍କ ବିଷୟରେ ଶିକ୍ଷାଲାଭ କରିଛ । ଏହି ଇଚ୍ଛାଧୀନ ମଡ୍ୟୁଲରେ କିଛି ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ରାସାୟନିକ ମାନଙ୍କ ବିଷୟରେ ଶିକ୍ଷାଲାଭ କରିବ ।

ଏହି ମଡ୍ୟୁଲର ପ୍ରଥମ ବିଷୟଟି ଶୈଳରାସାୟନିକ ଓ ସେଥିରୁ ଜାତ ରାସାୟନିକ ପଦାର୍ଥମାନଙ୍କୁ ନେଇ ପର୍ଯ୍ୟବେସିତ । ଶୈଳରାସାୟନିକ ମାନଙ୍କ ମଧ୍ୟରେ ବହୁତଗୁଡିଏ ରାସାୟନିକ ପଦାର୍ଥ ଅଛି, ତୁମେ ସେମାନଙ୍କର ଅର୍ଥ, ଶ୍ରେଣୀକରଣ, ପ୍ରସ୍ତୁତି ଓ ବ୍ୟବହାର ବିଷୟରେ ଜାଣିବ । ଏହି ବିଷୟରେ ମଧ୍ୟ ସାବୁନ, ଅପମାର୍ଜିକ, ଓ ରକେଟ ଇନ୍ଧନ ବିଷୟରେ ଜାଣିବାକୁ ପାଇବ, ଏହା ସହିତ ଦୈନନ୍ଦିନ ଜୀବନରେ ଅତିମାତ୍ରାରେ ବ୍ୟବହୃତ ବହୁଳକ (Polymer) ବିଷୟରେ ମଧ୍ୟ ଶିକ୍ଷାଲାଭ କରିବ ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟଟି ପାଠକରିବା ପରେ ତୁମେ :

- ଶୈଳରାସାୟନିକର ସଂଜ୍ଞା ନିରୂପଣ କରି ପାରିବ ;
- ଶୈଳରାସାୟନିକର ବଂଶାନୁକ୍ରମିକତା ଜାଣିପାରିବ ;
- ଶୈଳରାସାୟନିକର ବିଭିନ୍ନ ଉଦାହରଣ ଦେଇପାରିବ ;
- ଶୈଳରାସାୟନିକର ବ୍ୟବହାରିତା ବିଷୟରେ ଜ୍ଞାନାର୍ଜନ କରି ପାରିବ ;
- ମହାକାଶ ଯାତ୍ରା ପରିପେକ୍ଷୀରେ ଭାରତରେ ଶୈଳରାସାୟନିକର ସ୍ଥିତି ବିଷୟରେ ଅବଗତ ହେବ ;
- ସାବୁନ ଓ ଅପମାର୍ଜକ ମଧ୍ୟରେ ପ୍ରଭେଦ ଦର୍ଶାଇ ପାରିବ ;
- ଅପମାର୍ଜକର ପ୍ରକାର ଭେଦ ଜାଣିବାରେ ସକ୍ଷମ ହେବ ;
- ସାବୁନଠାରୁ ଅପମାର୍ଜକର ସୁବିଧା ଓ ଅସୁବିଧା ବିଷୟରେ ଏକ ତୁଳନାତ୍ମକ ବିବରଣୀ ପାଇ ପାରିବ ;
- ସାବୁନ ଓ ଅପମାର୍ଜକର ସଫା କରିବା ପଦ୍ଧତିର ତର୍ଜମା କରିକରିପାରିବ ;
- ରକେଟ୍ ଇନ୍ଧନର ଶ୍ରେଣୀବିଭାଗ କରି ପାରିବ ;
- ବିଭିନ୍ନ ଶ୍ରେଣୀର ରକେଟ ପ୍ରପେଲାଣ୍ଟରେ ବ୍ୟବହୃତ ରାସାୟନିକ ପଦାର୍ଥ ଓ
- ଭାରତୀୟ ମହାକାଶ ଯାତ୍ରାରେ ପ୍ରପେଲାଣ୍ଟର ସ୍ଥିତି ବିଷୟରେ ସମ୍ୟକ ଧାରଣା ପାଇ ପାରିବ ।

## 32.1 ଶୈଳରାସାୟନିକ କ'ଣ ?

ପ୍ରସ୍ତରୀଭୂତ ଜୀବାବଶେଷର ରାସାୟନିକ ବିଶ୍ଳେଷଣରୁ ବାହରୁଥିବା ପେଟ୍ରୋଲିୟମ ଯେ ଜଟିଳ ହାଇଡ୍ରୋକାର୍ବନ ମିଶ୍ରଣ, ଏବିଷୟରେ ତୁମେ ଆଗରୁ ଜାଣିଛ । ଏହା ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ ବା କଠିନ ବସ୍ତୁ (oilshells) ଆକାରରେ ଗଭୀର ଭୂତଳ ବା ସମୁଦ୍ର ଶଯ୍ୟାର ତଳେ ଅବସ୍ଥିତ ।



ଟିପ୍ପଣୀ

ତୁମେ ପଢ଼ିଛଯେ ପେଟ୍ରୋଲିୟମକୁ ପରିଷ୍କରଣ କରି ସେଥିରୁ ମିଳୁଥିବା ଅନେକ ଉପଯୋଗୀ ଅଂଶକୁ ଇନ୍ଧନ (LPG, Petrol, diesel ଇତ୍ୟାଦି) ବା ପିଚ୍ଛିଳକାରକ ଆକାରରେ ବ୍ୟବହାର କରାଯାଏ । ହାରାହାରି 10 % ପେଟ୍ରୋଲିୟମକୁ ନାନାପ୍ରକାର ରାସାୟନିକ ପଦାର୍ଥରେ ରୂପାନ୍ତରିତ କରାଯାଏ, ଯାହାକୁ ଶୈଳରାସାୟନିକ କୁହାଯାଏ । ତେଣୁ ଆମେ କହିପାରୁଯେ - ଯେଉଁ ରାସାୟନିକ ପଦାର୍ଥ ଗୁଡିକ ପ୍ରତ୍ୟକ୍ଷ ବା ପରୋକ୍ଷରେ ପେଟ୍ରୋଲିୟମ ହାଇଡ୍ରୋକାର୍ବନ ବା ପ୍ରାକୃତିକ ଗ୍ୟାସ୍‌ରୁ ପ୍ରସ୍ତୁତ କରାଯାଏ, ତାହାକୁ ଶୈଳ ରାସାୟନିକ କୁହାଯାଏ ।

ପେଟ୍ରୋଲିୟମ୍ ପରିଷ୍କରଣବେଳେ ସେଥିରୁ ଅନେକ ଗ୍ୟାସୀୟ ହାଇଡ୍ରୋକାର୍ବନ ଉପଜାତ ପଦାର୍ଥ ଆକାରରେ ବାହାରେ । ଏହି ହାଇଡ୍ରୋକାର୍ବନରେ 1 ରୁ 5 କାର୍ବନ ପରମାଣୁ ଥିବା ହାଇଡ୍ରୋକାର୍ବନ ଥାଏ, ଯଥା ମିଥେନ୍, ପ୍ରୋପେନ, ବ୍ୟୁଟେନ, ଆଇସୋବ୍ୟୁଟେନ ଓ ପେଣ୍ଟେନ୍ ଇତ୍ୟାଦି । ମିଥେନ୍ ($CH_4$) ପ୍ରାକୃତିକ ଗ୍ୟାସର ମୁଖ୍ୟ ଉପାଦାନ ଓ ଏହା ପେଟ୍ରୋଲିୟମ ସହ ମିଶିକରିଥାଏ ।

ଗୋଟିଏ ସମୟରେ ଏହି ଗ୍ୟାସୀୟ ହାଇଡ୍ରୋକାର୍ବନ ମାନଙ୍କର କୌଣସି ବ୍ୟବହାର ନଥିଲା, ତେଣୁ ସେଗୁଡିକ ଦହନ କରି ନଷ୍ଟ କରାଯାଉଥିଲା । ସମୟକ୍ରମେ ଏହି ଗ୍ୟାସୀୟ ହାଇଡ୍ରୋକାର୍ବନକୁ ବ୍ୟବହାର କରି ନାନା ପ୍ରକାର ଶୈଳରାସାୟନିକ ପ୍ରସ୍ତୁତ କରାଯାଇପାରୁଛି । ଆଜିକାଲି ଶୈଳ ରାସାୟନିକ ଓ ସେଥିରୁ ପ୍ରସ୍ତୁତ ରାସାୟନିକ ପଦାର୍ଥର ଚାହିଦା ଏତେମାତ୍ରାରେ ବଢ଼ିଯାଇଛିଯେ ଏମାନଙ୍କର ପ୍ରସ୍ତୁତି ପାଇଁ ବ୍ୟବହାର କରାଯାଉଥିବା କମ୍ କାର୍ବନ ଯୁକ୍ତ ହାଇଡ୍ରୋକାର୍ବନ ପାଇବା ପାଇଁ ଅଧିକ କାର୍ବନ ଯୁକ୍ତ ହାଇଡ୍ରୋକାର୍ବନକୁ ଅତି ଉଚ୍ଚ ତାପମାତ୍ରାରେ ବିଭାଜନ କରିବାକୁ ପଡ଼େ ।

ଶୈଳରାସାୟନିକ ମାନଙ୍କର ସଂଖ୍ୟା ଅନେକ । କେତେକ ଗୁରୁତ୍ୱପୂର୍ଣ୍ଣ ଶୈଳରାସାୟନିକ ହେଉଛି ; ମିଥାଇଲ ଆଲକୋହଲ୍, ଇଥାଇଲ ଆଲକୋହଲ୍, ଏଟିଟାଲ୍‌ଡିହାଇଡ୍, ଏସିଟିକ୍ ଏସିଡ୍, ଏସିଟିକ ଆନହାଇଡ୍ରାଇଡ୍, ଏସିଟୋନ୍, ବେନ୍‌ଜିନ୍, ଟଲ୍ୟୁଇନ୍, ଜାଇଲିନ୍, ଫିନଲ୍, ଭିନାଇଲ କ୍ଲୋରାଇଡ ଇତ୍ୟାଦି । ଏମାନଙ୍କ ମଧ୍ୟରୁ କେତେକ ସିଧାସଳଖ ଭାବରେ ବା କଞ୍ଚାମାଲ ଆକାରରେ ନାନାପ୍ରକାର ଉପଯୋଗୀ ପଦାର୍ଥ ତିଆରି ପାଇଁ ବ୍ୟବହୃତ ହୁଅନ୍ତି ।

ଆଧୁନିକ ଜୀବନଶୈଳୀରେ ଶୈଳରାସାୟନିକର ବ୍ୟବହାର ଏତେ ମାତ୍ରାରେ ବଢ଼ିଯାଇଛି ଯେ, ଏମାନଙ୍କ ବ୍ୟତିରେକ ଜୀବନ ଯାପନ ଯେ ଅତ୍ୟନ୍ତ କଷ୍ଟକର ଓ କମ୍ ଆରାମଦାୟକ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

## 32.2 ଶୈଳରାସାୟନିକର ଶ୍ରେଣୀକରଣ

ଶୈଳରାସାୟନିକ ଶିଳ୍ପ ଅତ୍ୟନ୍ତ ଜଟିଳ । ପେଟ୍ରୋଲିୟମଠାରୁ ଆରମ୍ଭ କରି ଅନ୍ତିମ ଉପାଦେୟ ବସ୍ତୁ ପ୍ରାପ୍ତିର ଯାତ୍ରା ବହୁତ ଲମ୍ବା ଓ ଏଥିରେ ଅନେକ ଗୁଡିଏ ସୋପାନ ନିହିତ ଅଛି । ତେଣୁ ଆମେ ଶୈଳ ରାସାୟନିକ ପ୍ରସଂଗରେ ପ୍ରାରମ୍ଭିକ ଦ୍ରବ୍ୟ (feed stock), ପ୍ରାଥମିକ ଓ ମଧ୍ୟବର୍ତ୍ତୀ ଶୈଳରାସାୟନିକ ଏବଂ ଅନ୍ତିମ ଉତ୍ପାଦକ ଦ୍ରବ୍ୟ ବିଷୟରେ ଜାଣିବାକୁ ଚେଷ୍ଟାକରିବା ।

**ପ୍ରାରମ୍ଭିକ ଦ୍ରବ୍ୟ (Feed stock):**

ଶୈଳରାସାୟନିକର ଉତ୍ପାଦନ ପାଇଁ ଯେଉଁ ପ୍ରାରମ୍ଭିକ ଦ୍ରବ୍ୟ ବ୍ୟବହାର କରାଯାଏ, ତାହାକୁ feed stock କୁହାଯାଏ । ଶୈଳରାସାୟନିକର ବହୁଳ ଉତ୍ପାଦନ ପାଇଁ ଯେଉଁ ଦୁଇଟି ସାଧାରଣ ପ୍ରାରମ୍ଭିକ ଦ୍ରବ୍ୟ ବ୍ୟବହାର କରାଯାଏ, ସେଗୁଡିକ ହେଲା -

1. ପ୍ରାକୃତିକ ଗ୍ୟାସ
2. ନାଫ୍‌ଥା ଓ ସଂଶୋଧିତ ନାଫ୍‌ଥା

ତୁମେ ଜାଣିଛଯେ ପ୍ରାକୃତିକ ଗ୍ୟାସ ପେଟ୍ରୋଲିୟମ ସହ ମିଳେ । ମିଥେନ୍ ପ୍ରାକୃତିକ ଗ୍ୟାସର ମୁଖ୍ୟ ହାଇଡ୍ରାକାର୍ବନ ଅଟେ । ପେଟ୍ରୋଲିୟମ ପରିଷ୍କରଣବେଳେ ଏକ ଅଂଶ ଭାବରେ ନାଫ୍‌ଥା ମିଳିଥାଏ ।





କେତେକ ଦେଶ ଓ କେତେକ ଶିଳ୍ପ, ଶୈଳରାସାୟନିକ ଉତ୍ପାଦନ ପାଇଁ ପ୍ରାକୃତିକ ଗ୍ୟାସ ବ୍ୟବହାର କରନ୍ତିତ କେତେବେଳେ ନାଫ୍‌ଥାକୁ ପ୍ରାରମ୍ଭିକ ଦ୍ରବ୍ୟ ଆକାରରେ ବ୍ୟବହାର କରନ୍ତି । ପ୍ରାକୃତିକ ଗ୍ୟାସ ବା ନାଫ୍‌ଥାକୁ ପ୍ରାରମ୍ଭିକଦ୍ରବ୍ୟ ଆକାରରେ ବ୍ୟବହାର କରିବାର ପସନ୍ଦ ସେହି ଦେଶରେ ମିଳୁଥିବା ପ୍ରାରମ୍ଭିକ ଦ୍ରବ୍ୟ ବା ସେଠାରେ ଉପଲବ୍ଧ ପ୍ରଯୁକ୍ତି ବିଦ୍ୟା ଉପରେ ନିର୍ଭର କରେ ।

### 32.2.1 ପ୍ରାଥମିକ ଶୈଳରାସାୟନିକ

ପ୍ରାଥମିକ ଶୈଳରାସାୟନିକ ଅଣୁ ଗୁଡିକ ପ୍ରାରମ୍ଭିକ ଦ୍ରବ୍ୟରୁ ମିଳିଥାଏ ଓ ଏଗୁଡିକ ଦ୍ୱିତୀୟକ ଶୈଳରାସାୟନିକ ପ୍ରସ୍ତୁତି ପାଇଁ ବ୍ୟବହୃତ ହୁଅନ୍ତି । ଯେହେତୁ ପ୍ରାରମ୍ଭିକ ଦ୍ରବ୍ୟରେ ପ୍ରାକୃତିକ୍ ଗ୍ୟାସ, ନାଫ୍‌ଥା ଓ ସଂଶୋଧିତ ନାଫ୍‌ଥା ଥାଏ, ଏଥିରୁ ବିଭିନ୍ନ ପ୍ରକାରର ପ୍ରାଥମିକ ଶୈଳ ରାସାୟନିକ ତିଆରି କରାଯାଏ, ଯାହାର ତାଲିକା ନିମ୍ନରେ ଦର୍ଶାଯାଇଛି ।

ସାରଣୀ 32.1 : ପ୍ରାରମ୍ଭିକ ଦ୍ରବ୍ୟରୁ ମିଳୁଥିବା ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକ ଶୈଳ ରାସାୟନିକ

| କ୍ର.ସଂ. | ପ୍ରାରମ୍ଭିକ ଦ୍ରବ୍ୟ ବା feed stock | ପ୍ରାଥମିକ ଶୈଳରାସାୟନିକ | ରାସାୟନିକ ସଂକେତ |
|---|---|---|---|
| 1 | ପ୍ରାକୃତିକ ଗ୍ୟାସ | ଏଥିନ୍<br>ପ୍ରୋପିନ୍<br>ଏଥାଇନ୍ | $CH_2 = CH_2$<br>$CH_3\text{-}CH = CH_2$<br>$HC \equiv CH$ |
| 2 | ନାଫ୍‌ଥା | ଏଥିନ୍<br>ପ୍ରୋପିନ୍<br>ବ୍ୟୁଟାଡାଇନ୍ | $H_2C = CH_2$<br>$CH_3CH = CH_2$<br>$H_2C = CH - CH = CH_2$ |
| 3 | ସଂଶୋଧିତନାଫ୍‌ଥା | ବେନ୍‌ଜିନ୍<br>ଟେଲ୍ୟୁଇନ୍<br>o - ଜାଇଲିନ<br>m - ଜାଇଲିନ<br>p - ଜାଇଲିନ୍ |  |

### 32.2.2.ଦ୍ୱିତୀୟକ ଶୈଳରାସାୟନିକ ଓ ଏଥିରୁ ମିଳୁଥିବା ଯୌଗିକ

ରାସାୟନିକ ପ୍ରକ୍ରିୟା ଦ୍ୱାରା ପ୍ରାଥମିକ ଶୈଳରାସାୟନିକରୁ ଯେଉଁ ଶୈଳ ରାସାୟନିକ ମିଳେ, ତାହାକୁ ଦ୍ୱିତୀୟକ ଶୈଳରାସାୟନିକ କୁହାଯାଏ । ଶୈଳରାସାୟନିକକୁ ମଧ ପ୍ରଥମ ବଂଶୀୟ ଶୈଳରାସାୟନିକ ଓ ଦ୍ୱିତୀୟ ବଂଶୀୟ ଶୈଳ ରାସାୟନିକ ଭାବରେ ଉଲ୍ଲେଖ କରାଯାଏ । ପ୍ରଥମ ବଂଶୀୟ ଶୈଳରାସାୟନିକ ଦ୍ୱିତୀୟ ବଂଶୀୟ ଶୈଳରାସାୟନିକରେ ପରିଣତ ହୁଏ ।

ଦ୍ୱିତୀୟକ ଶୈଳରାସାୟନିକ ଗୁଡିକ ସିଧାସଳଖ ଭାବରେ କିଛି ବ୍ୟବହାରରେ ଲାଗିପାରନ୍ତି । ଗୋଟିଏ ରାସାୟନିକ ପ୍ରକ୍ରିୟା ବା ପର୍ଯ୍ୟାୟ କ୍ରମିକ ପ୍ରକ୍ରିୟା ଦ୍ୱାରା ଏହାକୁ ଯୌଗିକ ଶୈଳ ରାସାୟନିକରେ ରୂପାନ୍ତର କରି ବିଭିନ୍ନ ପ୍ରକାରରେ ବ୍ୟବହାରରେ ଲଗାଯାଏ ।

ପେଟ୍ରୋଲିୟମ

↓

ପ୍ରାରମ୍ଭିକ ଦ୍ରବ୍ୟ

↓

ଟିପ୍ପଣୀ

ପ୍ରାଥମିକ ଶୈଳରାସାୟନିକ

↓

ଦ୍ୱିତୀୟକ ଶୈଳରାସାୟନିକ

↓

ଅନ୍ତିମ ଉପଯୋଗୀ ଉତ୍ପନ୍ନ ଦ୍ରବ୍ୟ

ଚିତ୍ର 32.1. (ପେଟ୍ରୋଲିୟମ, ପ୍ରାରମ୍ଭିକ ଦ୍ରବ୍ୟ, ପ୍ରାଥମିକ ଶୈଳରାସାୟନିକ, ଦ୍ୱିତୀୟକ ଶୈଳରାସାୟନିକ ଓ ଅନ୍ତିମ ଉପଯୋଗୀ ଉତ୍ପନ୍ନ ଦ୍ରବ୍ୟ ମାନଙ୍କ ମଧରେ ସମ୍ବନ୍ଧ

### 32.2.3. ଅନୁକୂଳସ୍ରୋତି ଶୈଳରାସାୟନିକ (Down Stream Petrochemicals)

ଯେଉଁ ଶୈଳରାସାୟନିକ ଗୁଡିକ ପ୍ରାରମ୍ଭିକ ଦ୍ରବ୍ୟରୁ କ୍ରମିକ ରାସାୟନିକ ପ୍ରକ୍ରିୟା ଦ୍ୱାରା ମିଳିଥାଏ ତାହାକୁ ଅନୁକୂଳସ୍ରୋତି ଶୈଳ ରାସାୟନିକ କୁହାଯାଏ ।

$$CH_4 \rightarrow CH_3Cl \rightarrow CH_3OH$$

ଉପରୋକ୍ତ ପ୍ରକ୍ରିୟାରେ ମିଥାଇଲ୍ ଆଲ୍‌କୋହଲକୁ ଅନୁକୂଳସ୍ରୋତି ଶୈଳରାସାୟନିକ କୁହାଯାଏ । ସମସ୍ତ ଶୈଳରାସାୟନିକ ଓ ସେମାନଙ୍କର ପ୍ରସ୍ତୁତି ପାଇଁ ବ୍ୟବହୃତ ବିଭିନ୍ନ ରାସାୟନିକ ପ୍ରକ୍ରିୟାର ସଂଖ୍ୟା ଅନେକ । ବିଭିନ୍ନ ଶୈଳରାସାୟୟନିକ ମାନଙ୍କର ବ୍ୟବହାର ମଧ ଅସୀମ ହୋଇଥିବାରୁ ଏସବୁର ସଠିକ୍ ତାଲିକା ଦେବା ଅତ୍ୟନ୍ତ କଷ୍ଟକର । ତେଣୁ ଅଳ୍ପ କେତେକ ଶୈଳ ରାସାୟନିକ ଓ ସେଥିରୁ ମିଳୁଥିବା ଶୈଳରାସାୟନିକ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ଓ ବ୍ୟବହାର ସମ୍ବନ୍ଧରେ ଏଠାରେ ଉଲ୍ଲେଖ କରାଯାଇଛି । ଉଦାହରଣ ସ୍ୱରୂପ ଏଠାରେ ମିଥେନ୍ ଓ ଇଥେନ୍‌ରୁ ମିଳୁଥିବା ଶୈଳରାସାୟନିକ ଗୁଡିକ ବିଷୟରେ ଆଲୋଚନା କରିବା । ଏଠାରେ ମଧ ଅନ୍ୟକେତେକ ପ୍ରାରମ୍ଭିକ ରାସାୟନିକ ଦ୍ରବ୍ୟରୁ ମିଳୁଥିବା ଶୈଳରାସାୟନିକର ନାମ ଉଲ୍ଲେଖ କରାଯିବ । ସେଗୁଡିକ ବିଷୟରେ ତୁମେ ତୁମର ଉଚ୍ଚଶ୍ରେଣୀରେ ଶିକ୍ଷାଲାଭ କରିବ ବା ଉଚ୍ଚମାନର ପୁସ୍ତକ ପଢି ସେ ବିଷୟରେ ଅଧିକ ଜ୍ଞାନ ଲାଭ କରପାରିବ । ଏଠାରେ ତୁମକୁ ଶୈଳରାସାୟନିକର ବ୍ୟାପକତା ଓ ସେମାନଙ୍କର ଉପଯୋଗିତା ବିଷୟରେ ସମ୍ୟକ ଧାରଣା ଦିଆଯିବ ।

### ପାଠଗତ ପ୍ରଶ୍ନ. 32.1

୧. ପେଟ୍ରୋକେମିକାଲ୍ (ଶୈଳରାସାୟନିକ)ର ସଂଜ୍ଞା କ'ଣ ?

___

୨. ଶୈଳ ରାସାୟନିକ ପରିପେକ୍ଷୀରେ ପ୍ରାରମ୍ଭିକ ରାସାୟନିକ ଦ୍ରବ୍ୟ (feedstock) କହିଲେ କ'ଣ ବୁଝ ?

___

୩. ଶୈଳରାସାୟନିକ ଶିଳ୍ପରେ ବ୍ୟବହୃତ ଦୁଇଟି ପ୍ରାରମ୍ଭିକ ରାସାୟନିକ ଦ୍ରବ୍ୟ (feedstock)ର ନାମ ଲେଖ ।

___

୪. ଅନୁକୂଳସ୍ରୋତି ଶୈଳ ରାସାୟନିକ କହିଲେ କ'ଣ ବୁଝ ? ଗୋଟିଏ ଉଦାହରଣ ସହ ବୁଝାଅ ।

___

୫. ମିଥେନକୁ ମିଥାଇଲ କ୍ଲୋରାଇଡରେ ପରିଣତ କରାଯାଏ ଓ ତାପରେ ଏହାକୁ ମିଥାଇଲ୍ ଆଲକୋହଲରେ ପରିଣତ କରାଯାଏ । ଏଠାରେ କେଉଁଟି ପ୍ରଥମ ବଂଶୀୟ ଓ କେଉଁଟି ଦ୍ୱିତୀୟ ବଂଶୀୟ ଚିହ୍ନଟ କର ।

___







**32.2.4. (ମିଥେନରୁ ପ୍ରସ୍ତୁତ ଶୈଳରାସାୟନିକ)**

ମିଥେନ୍ ପ୍ରାକୃତିକ ଗ୍ୟାସର ମୁଖ୍ୟ ଉପାଦାନ । ଏହା ଦୁଇଟି ଅବସ୍ଥାରେ ମିଳିଥାଏ ଯଥା - ସଂକୁଚିତ ପ୍ରାକୃତିକ ଗ୍ୟାସ (CNG) ଓ ତରଳୀକୃତ ପ୍ରାକୃତିକ ଗ୍ୟାସ (LNG) । ପେଟ୍ରୋଲିୟମ ପରିଷ୍କରଣବେଳେ ମୁଖ୍ୟତଃ ମିଥେନ ବହୁଳ ମାତ୍ରାରେ ଉପଜାତ ପଦାର୍ଥ ଆକାରରେ ମିଳେ ।

ମିଥେନରୁ ପ୍ରସ୍ତୁତ ମୁଖ୍ୟ ଶୈଳରାସାୟନିକ :-

1. କ୍ଲୋରିନେଟେଡ୍ ମିଥେନ
2. ଅସଂତୃପ୍ତ ହାଇଡ୍ରୋକାର୍ବନ
3. କାର୍ବନ କଳା
4. ଉଦ୍‌ଜାନ
5. ମିଥାଇଲ ଆଲକୋହଲ୍

**1. ମିଥେନରୁ ପ୍ରସ୍ତୁତ କ୍ଲୋରିନେଟେଡ୍ ଯୌଗିକ :**

ମିଥେନ ସହ କ୍ଲୋରିନ୍ ମିଶାଇଲେ ସେଥିରୁ ମିଥାଇଲ୍ କ୍ଲୋରାଇଡ୍ ($CH_3Cl$), ମେଥିଲିନ୍ ଡାଇ କ୍ଲୋରାଇଡ୍ ($CH_2Cl_2$), କ୍ଲୋରୋଫର୍ମ ($CHCl_3$) ଓ କାର୍ବନଟେଟ୍ରାକ୍ଲୋରାଇଡ୍ ($CCl_4$) ମିଳେ । ପ୍ରାୟ ସମସ୍ତ କ୍ଲୋରିନେଟେଡ୍ ଯୌଗିକ ଦ୍ରାବକ ଆକାରରେ ବ୍ୟବହାର କରାଯାଏ ।

$$CH_4 + Cl_2 \rightarrow CH_3Cl + CH_2Cl_2 + CHCl_3 + CCl_4$$

**2. ଅସଂତୃପ୍ତ ହାଇଡ୍ରୋକାର୍ବନ :**

ମିଥେନକୁ ଉପଯୁକ୍ତ ତ୍ୱରକ ଉପସ୍ଥିତିରେ ଉଚ୍ଚତାପରେ ବିଭାଜନ କଲେ ସେଥିରୁ ଏଥିଲିନ୍, ପ୍ରୋପିଲିନ୍ ଓ ଏସିଟିଲିନ୍ ମିଳେ । ଏମାନଙ୍କ ଠାରୁ ଅନ୍ୟାନ୍ୟ ପଦାର୍ଥ ତିଆରି କରିବା ବିଷୟ ପରେ ଆଲୋଚନା କରିବା ।

**3.କାର୍ବନ କଳା :**

ମିଥେନର ତାପଅପଘଟନ ଦ୍ୱାରା କାର୍ବନକଳା ଓ ଉଦ୍‌ଜାନ ଗ୍ୟାସ ମିଳେ । କାର୍ବନ କଳା, ଛାପାକାଳିର କଳା ରଂଗ କଣିକା ଆକାରରେ ଓ ରବର ଟାୟାର ଶିଳ୍ପରେ ବ୍ୟବହାର କରାଯାଏ ।

$$CH_4 \xrightarrow[\text{ତାପ ଅପଘଟନ}]{\Delta} C + 2H_2$$

**4. ଉଦ୍‌ଜାନ :**

ମିଥେନର ତାପ ଅପଘଟନ ସମୟରେ ଉଦ୍‌ଜାନ ଗ୍ୟାସ ମିଳେ । ଏହାକୁ ଆମୋନିଆ ଗ୍ୟାସ ପ୍ରସ୍ତୁତ କରିବା ପାଇଁ ବ୍ୟବହାର କରାଯାଏ । ୟୁରିଆ (ଏକ କୃଷିସାର), ଆମୋନିୟମ୍ ନାଇଟ୍ରେଟ୍ ଓ ଅନ୍ୟାନ୍ୟ ଦ୍ରବ୍ୟ ପ୍ରସ୍ତୁତ କରିବା ପାଇଁ ଆମୋନିଆ ଗ୍ୟାସକୁ କଞ୍ଚାମାଲ ଆକାରରେ ବ୍ୟବହାର କରାଯାଏ ।

**5. ମିଥାଇଲ୍ ଆଲକୋହଲ୍ :**

ଉତ୍‌ପ୍ରେରୀୟ ଜାରଣ ପ୍ରକ୍ରିୟା ଦ୍ୱାରା ମିଥେନକୁ ମିଥାନଲ୍ (ମିଥାଇଲ୍ ଆଲକୋହଲ, $CH_3OH$)ରେ ପରିଣତ କରାଯାଏ ।

$$\underset{\text{(ମିଥେନ)}}{CH_4} + O_2 \xrightarrow[\Delta]{\text{ଉତ୍‌ପ୍ରେରକ}} \underset{\text{(ମିଥାନଲ)}}{CH_3OH}$$

ମିଥାଇଲ୍ ଆଲକୋହଲ୍‌କୁ ଜାରଣ କଲେ ଫରମାଲ୍‌ଡିହାଇଡ୍ ମିଳେ । ଅନେକ ଉପଯୋଗୀ ଦ୍ରବ୍ୟର ପ୍ରସ୍ତୁତ ପାଇଁ ଫରମାଲଡିହାଇଡ୍ ଏକ ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ । ଏହାର ଏକ ଉଦାହରଣ, ଫିନଲ୍‌ଫରମାଲ୍‌ଡିହାଇଡ୍‌ରେଜିନ୍ । ମିଥାଇଲ ଆଲକୋହଲ୍‌କୁ ମଧ ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ଦ୍ରାବକ ରୂପେ ବ୍ୟବହାର କରାଯାଏ ।



ଟିପ୍ପଣୀ

$$CH_3OH \xrightarrow{\text{ଜାରକ}} HCHO$$

**32.2.5. ଏଥିଲିନ୍‌ରୁ ପ୍ରସ୍ତୁତ ଶୈଳରାସାୟନିକ :**

ପ୍ରାକୃତିକ ଗ୍ୟାସ ଓ ନାଫ୍‌ଥାକୁ ତାପୀୟ ଅପଘଟନ କଲେ ଏଥିଲିନ୍ ମିଳେ । ଏଥିଲିନ୍ ଏକ ଅସଂତୃପ୍ତ ହାଇଡ୍ରୋକାର୍ବନ ଓ ଏଥିରେ କାର୍ବନ - କାର୍ବନ ପରମାଣୁ ମଧ୍ୟରେ ଗୋଟିଏ ଦ୍ୱିବନ୍ଧ ଅଛି । ତେଣୁ ଏଥିଲିନ୍ ଅତ୍ୟନ୍ତ ପ୍ରତିକ୍ରିୟାଶୀଳ । ଏହାକୁ ଅନେକ ପ୍ରକାର ଶୈଳରାସାୟନିକରେ ପରିଣତ କରାଯାଇ ପାରିବ ଓ ସେହି ଶୈଳରାସାୟନିକରୁ ବିଭିନ୍ନ ଉପଯୋଗୀ ଦ୍ରବ୍ୟ ଉତ୍ପାଦନ କରାଯାଇପାରିବ ।

ଏଥିଲିନ୍‌ରୁ ପ୍ରସ୍ତୁତ ମୁଖ୍ୟ ଶୈଳରାସାୟନିକ ଗୁଡିକ ହେଲା :-

1. ଇଥାଇଲ୍ ଆଲକୋହଲ୍
2. ଏଥିଲିନ୍ ଅକ୍ସାଇଡ୍
3. ଏଥିଲିନ୍ ଗ୍ଲାଇକଲ୍
4. ଡାଇକ୍ଲୋରୋ ଇଥେନ୍
5. ଭିନାଇଲ୍ କ୍ଲୋରାଇଡ୍
6. ପଲିଥିନ୍
7. ଇଥାଇଲ ବେନ୍‌ଜିନ୍

**1. ଇଥାଇଲ୍ ଆଲକୋହଲ :**

ଜଳଯୋଜନ ପ୍ରକ୍ରିୟା ଦ୍ୱାରା ଏଥିଲିନ୍‌ରୁ ଇଥାଇଲ୍ ଆଲକୋହଲ ତିଆରି ହୁଏ । ଏହାକୁ ଏକ ଦ୍ରାବକ ଭାବରେ ବ୍ୟବହାର କରାଯାଏ । ଏହାକୁ ଏସିଟିକ୍ ଏସିଡ୍, ଇଥାଇଲ ଏସିଟେଟ୍ ଓ ଅନ୍ୟାନ୍ୟ ଉପଯୋଗୀ ବ୍ୟବହାର୍ଯ୍ୟ ପଦାର୍ଥ ଉତ୍ପାଦନ ପାଇ କଞ୍ଚାମାଲ ଆକାରରେ ବ୍ୟବହାର କରାଯାଏ ।

$$CH_2 = CH_2 \xrightarrow{\text{ଲଘୁ}\ H_2SO_4} CH_3CH_2OH$$

**2. ଏଥିଲିନ୍ ଅକ୍ସାଇଡ୍ :**

ଏକ ଉତ୍‌ପ୍ରେରକ ଉପସ୍ଥିତିରେ ଏଥିଲିନ୍‌କୁ ଅମ୍ଳଜାନ ସହ ଜାରଣକଲେ ଏଥିଲିନ୍ ଅକ୍ସାଇଡ୍ ପ୍ରସ୍ତୁତ ହୁଏ । ଏଥିଲିନ୍ ଗ୍ଲାଇକଲ ପ୍ରସ୍ତୁତି ପାଇଁ ଏହା ଏକ କଞ୍ଚାମାଲ । ପଲିଷ୍ଟର ଉତ୍ପାଦନ ପାଇଁ ଏଥିଲିନ୍ ଗ୍ଲାଇକଲକୁ ପ୍ରାରମ୍ଭିକ ରାସାୟନିକ ଦ୍ରବ୍ୟ ଆକାରରେ ବ୍ୟବହାର କରାଯାଏ ।

$$CH_2 = CH_2 \xrightarrow[\text{ଉତ୍‌ପ୍ରେରକ}]{\text{ଅମ୍ଳଜାନ ଗ୍ୟାସ}} \underset{\diagdown\ \ O\ \ \diagup}{CH_2 - CH_2}$$

**3. ଏଥିଲିନ୍ ଗ୍ଲାଇକଲ :**

ଏହା ଏଥିଲିନ୍‌ରୁ ପ୍ରସ୍ତୁତ କରାଯାଏ । ଏହା ମୋଟରଗାଡିର ହିମନିରୋଧି ଆକାରରେ ବ୍ୟବହୃତ ହୁଏ ଓ ପଲିଷ୍ଟର ଉତ୍ପାଦନ ପାଇଁ ଏହାକୁ ପ୍ରାରମ୍ଭିକ ରାସାୟନିକ ଦ୍ରବ୍ୟ ଭାବରେ ବ୍ୟବହାର କରାଯାଏ ।

$$\underset{\text{ଏଥିଲିନ୍}}{CH_2 = CH_2} \xrightarrow{\text{Alkaline}KMnO_4} \underset{\text{(ଏଥିଲିନ୍ ଗ୍ଲାଇକଲ୍)}}{HO - CH_2 - CH_2 - OH}$$

**4. ଡାଇକ୍ଲୋରୋଇଥେନ୍ :**

ଏଥିଲିନ୍ ସହ କ୍ଲୋରିନ ପ୍ରତିକ୍ରିୟା କଲେ ଡାଇକ୍ଲୋରୋଇଥେନ୍ ତିଆରି ହୁଏ । ଏଥିଲିନ୍ ଗ୍ଲାଇକଲ୍ ଓ ଭିନାଇଲ କ୍ଲୋରାଇଡ୍ ପରି ଅନେକ କଞ୍ଚାମାଲ ତିଆରି ପାଇଁ ଏହାକୁ ପ୍ରାରମ୍ଭିକ ରାସାୟନିକ ଦ୍ରବ୍ୟ ଆକାରରେ ବ୍ୟବହାର କରାଯାଏ ।

$$H_2C = CH_2 + Cl_2 \longrightarrow Cl - CH_2 - CH_2 - Cl$$

(ଏଥିଲିନ୍) (ଡାଇକ୍ଲୋରୋଇଥେନ୍)

**5. ଭିନାଇଲ କ୍ଲୋରାଇଡ୍:**

ଏଥିଲିନ୍ କିମ୍ବା ଏଥିଲିନ୍ ଡାଇକ୍ଲୋରାଇଡ୍‌ରୁ ଭିନାଇଲ କ୍ଲୋରାଇଡ ସିଧାସଳଖ ତିଆରି ହୁଏ ।

$$CH_2=CH_2+Cl_2 \xrightarrow{\text{alcoholic KOH}} CH_2=CH\text{-}Cl+HCl$$

**6. ପଲିଥିନ୍:**

ଏଥିଲିନ୍‌ର ବହୁଳୀକରଣ ଦ୍ୱାରା ପଲିଏଥିଲିନ୍ (ପଲିଥିନ) ତିଆରି ହୁଏ ।

$$n(CH_2 = CH_2) \xrightarrow{\text{ବହୁଳୀକରଣ}} -(CH_2 - CH_2)_n$$

ଏଥିଲିନ୍ ପଲିଥିନ୍

**7. ଇଥାଇଲ୍ ବେନ୍‌ଜିନ୍:**

ଏକ ଉପଯୁକ୍ତ ଉତ୍ପ୍ରେରକର ଉପସ୍ଥିତିରେ ବେନ୍‌ଜିନ୍ ସହ ଏଥିଲିନ୍ ପ୍ରତିକ୍ରିୟା କଲେ ଇଥାଇଲ ବେନ୍‌ଜିନ୍ ମିଳିଥାଏ ।




ଇଥାଇଲ ବେନଜିନ୍‌କୁ ଷ୍ଟାଇରିନ୍‌ରେ ପରିଣତ କରିହୁଏ । ପଲିଷ୍ଟାଇରିନ୍ ନାମକ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଷ୍ଟିକ ଦ୍ରବ୍ୟ ତିଆରି ପାଇଁ ଏହାକୁ କଞ୍ଚାମାଲ ଆକାରରେ ବ୍ୟବହାର କରାଯାଏ ।

**32.2.6. ପ୍ରୋପିଲିନ୍‌ରୁ ପ୍ରସ୍ତୁତ ଶୈଳରାସାୟନିକ**

ପ୍ରାକୃତିକ ଗ୍ୟାସ ବା ନାଫ୍‌ଥାର ତାପୀୟ ଅପଘଟନରୁ ପ୍ରୋପିଲିନ୍ ମିଳେ । ଏହା ଏକ ଅସଂତୃପ୍ତ ହାଇଡ୍ରୋକାର୍ବନ ।

ପ୍ରୋପିଲିନ୍‌ରୁ ପ୍ରସ୍ତୁତ ମୁଖ୍ୟ ରାସାୟନିକ ଗୁଡ଼ିକ ହେଲା :-

1. ଆଇସୋପ୍ରୋପାଇଲ୍ ଆଲ୍‌କୋହଲ୍
2. ପଲିପ୍ରୋପିଲିନ୍
3. କ୍ୟୁମିନ୍ (ଆଇସୋପ୍ରୋପାଇଲ୍ ବେନ୍‌ଜିନ୍)
4. ଗ୍ଲିସେରଲ୍

**32.2.7. ଏସିଟିଲିନ୍‌ରୁ ପ୍ରସ୍ତୁତ ଶୈଳରାସାୟନିକ**

ପ୍ରାକୃତିକ ଗ୍ୟାସର ତାପୀୟ ଅପଘଟନରୁ ଏସିଟିଲିନ୍ ଗ୍ୟାସ ମିଳେ । ଏହା ଏକ ଅସଂତୃପ୍ତ ହାଇଡ୍ରୋକାର୍ବନ । ଏଥିରେ ଥିବା କାର୍ବନ - କାର୍ବନ ପରମାଣୁ ମଧ୍ୟରେ ଏକ ତ୍ରିବନ୍ଧ ଅଛି । ତେଣୁ ଏହା ଅତ୍ୟନ୍ତ ପ୍ରତିକ୍ରିୟାଶୀଳ ।

ଏସିଟିଲିନ୍‌ରୁ ପ୍ରସ୍ତୁତ ମୁଖ୍ୟ ଶୈଳରାସାୟନିକ ଗୁଡ଼ିକ ହେଲା -

1. ଭିନାଇଲ୍ କ୍ଲୋରାଇଡ୍, ଭିନାଇଲ୍ ଏସିଟେଟ୍ ଓ ଆକ୍ରିଲୋନାଇଟ୍ରାଇଲ୍
2. ଏସିଟାଲଡିହାଇଡ୍

**32.2.8. ବ୍ୟୁଟାଡାଇନ୍‌ରୁ ପ୍ରସ୍ତୁତ ଶୈଳରାସାୟନିକ**

1,3 - ବ୍ୟୁଟାଡାଇନ୍, ନାଫ୍‌ଥାର ଉଚ୍ଚ ତାପୀୟ ବିଭାଜନରୁ ମିଳିଥାଏ । ଏହା ଏକ ଡ଼ାଇନ୍ ଆର୍ଥାତ୍ ଏଥିରେ ଦୁଇଟି କାର୍ବନ-କାର୍ବନ ଦ୍ୱିବନ୍ଧ ଅଛି ।



ଟିପ୍ପଣୀ

ପଲିବୁଟାଡାଇନ୍ ବହୁଳକର ଏହା ଏକଳକ । ପଲିବ୍ୟୁଟାଡାଇନ୍ ପ୍ରାକୃତିକ ରବରର ପ୍ରତିସ୍ଥାପି । ବ୍ୟୁଟାଡାଇନ୍ ଓ ଷ୍ଟାଇରିନ୍‌ର ବହୁଳୀକରଣ ଫଳରେ ବୁନା - ଏସ୍ (Buna - S) ନାମକ ଏକ ସହବହୁଳକ (Copolymer) ମିଳେ ।

**32.2.9. ବେନ୍‌ଜିନ୍‌ରୁ ପ୍ରସ୍ତୁତ ଶୈଳରାସାୟନିକ**

ସଂଶୋଧିତ ନାଫ୍‌ଥାରୁ ବେନ୍‌ଜିନ୍ ପ୍ରସ୍ତୁତି କରାଯାଏ । ନାପ୍‌ଥାର ଉତ୍‌ପ୍ରେରୀୟ ପୁନଃନିର୍ମାଣ (Aromatisation) ବେଳେ ନାଫ୍‌ଥାରେ ଥିବା ଏଲିଫାଟିକ୍ ହାଇଡ୍ରୋକାର୍ବନ୍ ଗୁଡ଼ିକ ଏରୋମାଟିକ୍ ହାଇଡ୍ରୋକର୍ବନରେ ପରିଣତ ହୁଅନ୍ତି ।

ବେନ୍‌ଜିନ୍‌ରୁ ମିଳୁଥିବା ଗୁରୁତ୍ୱପୂର୍ଣ୍ଣ ଶୈଳରାସାୟନିକ ଗୁଡିକ ହେଲା -

1. ଇଥାଇଲ୍ ବେନ୍‌ଜିନ୍ ଓ କ୍ୟୁମିନ୍
2. କ୍ଲୋରୋବେନ୍‌ଜିନ୍
3. ନାଇଟ୍ରୋବେନ୍‌ଜିନ୍
4. ସାଇକ୍ଲୋହେକ୍‌ସେନ୍
5. ସରଳ ରୈଖିକ ଆଲକିଲବେନ୍‌ଜିନ୍
6. ଶାଖାଯୁକ୍ତ ଆଲକିଲ୍ ବେନ୍‌ଜିନ୍

**ପାଠଗତ ପ୍ରଶ୍ନ : 32.2**

1. ପ୍ରାଥମିକ ଶୈଳରାସାୟନିକର ସଂଜ୍ଞା ଲେଖ ।
2. ପ୍ରାକୃତିକ ଗ୍ୟାସରୁ ମିଳୁଥିବା ତିନୋଟି ରାସାୟନିକର ନାମ ଲେଖ ।
3. ପ୍ରୋପିନ୍‌ରୁ କେଉଁ ଗୁରୁତ୍ୱପୂର୍ଣ୍ଣ ଶୈଳରାସାୟନିକ ମିଳେ ?
4. ଏସିଟିଲିନ୍‌ରୁ କେଉଁ ଗୁରୁତ୍ୱପୂର୍ଣ୍ଣ ଶୈଳ ରାସାୟନିକ ମିଳେ ?
5. ବେନ୍‌ଜିନ୍‌ରୁ ମିଳୁଥିବା ଶୈଳରାସାୟନିକ ମାନଙ୍କର ନାମ ଲେଖ ।

**32.3 ଭାରତୀୟ ଶୈଳରାସାୟନିକ ଶିଳ୍ପର ମାନ୍ୟତା**

ଭାରତୀୟ ଶୈଳରାସାୟନିକ ଶିଳ୍ପ ଆନ୍ତର୍ଜାତୀୟ ଶିଳ୍ପମାନଙ୍କ ତୁଳନାରେ ବହୁତ ଛୋଟ । ଉଦାହରଣ ସ୍ୱରୂପ ଭାରତର ଏଥିଲିନ୍ କ୍ଷମତା ପୃଥିବୀର ଏଥିଲିନ୍ କ୍ଷମତା ତୁଳନାରେ 3 ପ୍ରତିଶତରୁ କମ୍ । ଭାରତର ଏଥିଲିନ୍ କ୍ଷମତା ବାର୍ଷିକ 24 ଲକ୍ଷଟନ୍ ହୋଇଥିବା ବେଳେ ଯୁକ୍ତରାଷ୍ଟ୍ର ଆମେରିକାର କ୍ଷମତା ବାର୍ଷିକ 288 ଲକ୍ଷଟନ୍ ।

ଭାରତରେ ଯେଉଁ ସାଧାରଣ ବହୁଳକ (Polymer) ତିଆରି ହୁଏ, ସେଗୁଡିକ - କମ୍ ଘନତ୍ୱ ପଲିଏଥିଲିନ୍ (LDPE), ଗାଢ ଘନତ୍ୱ ପଲିଏଥିଲିନ୍ (HDPE), ପଲିପ୍ରୋପିଲିନ୍ (PP), ପଲିଭିନାଇଲ୍ କ୍ଲୋରାଇଡ୍ (PVC) ଓ ପଲିଷ୍ଟାଇରିନ୍ (PS).

ଭାରତର ପଲିଥିନ୍ ଓ ପଲିପ୍ରୋପିଲିନ୍‌ର ମୁଖ୍ୟ ଉତ୍ପାଦନକାରୀ ସଂସ୍ଥାମାନ ହେଉଛି ରିଲାଏନ୍‌ସ ଶିଳ୍ପ ଉଦ୍ୟୋଗ (RIL), ଭାରତୀୟ ଶୈଳ ରାସାୟନିକ କର୍ପୋରେସନ ଉଦ୍ୟୋଗ (IPCL), ହଳଦିଆ ଶୈଳରାସାୟନିକ ଉଦ୍ୟୋଗ (HPL) ଓ ଭାରତୀୟ ଗ୍ୟାସ ଅଥରିଟି ଉଦ୍ୟୋଗ (GAIL) । ଏହିସବୁ ଶିଳ୍ପ ଉଦ୍ୟୋଗରେ ପେଟ୍ରୋଲିୟମ ପରିଷ୍କରଣ ଓ ଶୈଳରାସାୟନିକ ତିଆରି କାରଖାନାମାନ ଏକ ସ୍ଥାନରେ ଥିବାରୁ ଉତ୍ପାଦନ ଓ ପରିବହନ ଖର୍ଚ୍ଚ କମ୍ ପଡେ । ରିଲାଏନ୍‌ସ ଶିଳ୍ପ ଉଦ୍ୟୋଗ ଦ୍ୱାରା ଜାମନଗରଠାରେ ପଲିପ୍ରୋପିଲିନ୍ ଶୈଳରାସାୟନିକ କାରଖାନା ଚାଲୁହେବାପରେ ଭାରତର ଶୈଳରାସାୟନିକ ପ୍ରସ୍ତୁତି କ୍ଷମତା ବହୁତ ମାତ୍ରାରେ ବଢ଼ିଯାଇଛି ।

ଭାରତରେ ପଲିଷ୍ଟର ଶିଳ୍ପର ଚାହିଦା ମେଣ୍ଟାଇବା ପାଇଁ ଆଜି ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ପରିମାଣରେ ପରିଷ୍କୃତ ଟେରିଫ୍‌ଥାଲିକ ଏସିଡ୍ (PTA) ଓ ଡାଇମିଥାଇଲ ଟେରିଫ୍‌ଥାଲେଟ୍ (DMT) ଉତ୍ପାଦନ





କରାଯାଇପାରିନାହିଁ । ଉତ୍ପାଦନ କ୍ଷମତା ବଢ଼ାଇବା ପାଇଁ କଞ୍ଚାମାଲ ପର୍ଯ୍ୟାପ୍ତ ନଥିଲା, ତେଣୁ ଏସବୁକୁ ବିଦେଶରୁ ଆମଦାନି କରିବାକୁ ପଡୁଥିଲା । କିନ୍ତୁ ରିଲାଏନ୍ସ ଶିଳ୍ପ ଉଦ୍ୟୋଗ ଦ୍ୱାରା ପାଟାଲଗଙ୍ଗ ଓ ହାଜିରାଠାରେ ଶୈଳରାସାୟନିକ ଶିଳ୍ପ ସ୍ଥାପନ ପରେ ଉପରୋକ୍ତ କଞ୍ଚାମାଲର ଉତ୍ପାଦନ ବିଶ୍ୱସ୍ତରରେ ପହଞ୍ଚିପାରିଛି ।

ଭାରତୀୟ ବଜାରରେ LDPE, HDPE, PP ଓ PVC ଇତ୍ୟାଦି ବହୁଳକର ଚାହିଦାର 60 ପ୍ରତିଶତ ରିଲାଏନ୍ସ ଶିଳ୍ପ ଉଦ୍ୟୋଗ ଓ ଭାରତୀୟ ଶୈଳରାସାୟନିକ ଉଦ୍ୟୋଗ ଦ୍ୱାରା ପୂରଣ କରାଯାଇପାରୁଛି । ରିଲାଏନ୍ସ ଶୈଳରାସାୟନିକ ଉଦ୍ୟୋଗ ଏକ ବୃହତ୍ ସଂସ୍ଥା । ରିଲାଏନ୍ସ ଶିଳ୍ପ ଉଦ୍ୟୋଗରେ ଏସିଆର ବୃହତ୍ତମ ନାଫ୍‌ଥା ତାପ ବିଭାଜନ ଶିଳ୍ପଅଛି । IPCLର ଦୁଇଟି ମଧ୍ୟମ ଧରଣର ପ୍ରାକୃତିକ ଗ୍ୟାସ ଶୈଳରାସାନିକ ଶିଳ୍ପ ସଂସ୍ଥା ଓ ଗୋଟିଏ ଛୋଟ ଧରଣର ନାଫ୍‌ଥା ବ୍ୟବହୃତ ଶୈଳରାସାୟନିକ ଶିଳ୍ପ ସଂସ୍ଥା ଅଛି ।

ଭାରତର ପଲିଷ୍ଟର ବଜାରରେ RIL ର ଅଂଶଧନ ଅଧିକ । ବିଶ୍ୱ ବଜାରରେ ପରିଷ୍କୃତ ଟେରିଥାଲିକ ଏସିଡ୍ ଓ ପାରା ଜାଇଲିନ୍ ପାଇଁ RIL ପ୍ରମୁଖ ସ୍ଥାନ ଗ୍ରହଣ କରିଛି । RIL ଶିଳ୍ପସଂସ୍ଥା ତୁଳନାରେ ଅନ୍ୟ କଂପାନିମାନଙ୍କର ଶାଖାଗୁଡ଼ିକ ବହୁତ ଛୋଟ ।

ଭାରତୀୟ ଶୈଳରାସାୟନିକ କର୍ପୋରେସନ ଉଦ୍ୟୋଗ ଦୁଇଟି ସ୍ଥାନରେ ମନୋଏଥିଲିନ୍ ଗ୍ଲାଇକଲ (MEG) ଉତ୍ପାଦନ କରେ । ସେଥିରୁ ଗୋଟିଏ କାରଖାନା ପ୍ରାକୃତିକ ଗ୍ୟାସ ଭିତ୍ତିକ ଓ ଅନ୍ୟଟି ନାଫ୍‌ଥା ଭିତ୍ତିକ । ରିଲାଏନ୍ସ ଶିଳ୍ପ ଉଦ୍ୟୋଗର ଏକ ବିଶାଳ ନାଫ୍‌ଥା ଭିତ୍ତିକ ମନୋଏଥିଲିନ୍ ଗ୍ଲାଇକଲ (MEG) ଶାଖା ହାଜିରାର ଶୈଳରାସାନିକ ପରିସରରେ ଅବସ୍ଥିତ ।

## 32.4 ସାବୁନ ଓ ଅପମାର୍ଜକ

ସାବୁନ ଓ ଅପମାର୍ଜକ ମୁଖ୍ୟତଃ ସଫାକରିବାର ମାଧ୍ୟମ ଆକାରରେ ବ୍ୟବହାର କରାଯାଏ । ଏ ଦୁଇଟିର ରାସାୟନିକ ସଂରଚନାରେ ବହୁତ ପ୍ରଭେଦ ଅଛି । ଏମାନଙ୍କର ସାଧାରଣ ଲକ୍ଷଣ ଏହାଯେ, ଏମାନେ ଜଳରେ ଦ୍ରବୀଭୂତ ହେଲେ ଏମାନଙ୍କର ଅଣୁଗୁଡିକ ଦ୍ରବଣର ଉପରି ଭାଗରେ କେନ୍ଦ୍ରୀଭୂତ ହୁଅନ୍ତି । ଏହାଫଳରେ ଦ୍ରବଣର ପୃଷ୍ଠତାନ ହ୍ରାସପାଏ ଓ ଦ୍ରବଣ ଫେଣମୟ ହୋଇଥାଏ ।

ସାବୁନ ଓ ଅପମାର୍ଜକ, ଦ୍ରବଣର ପୃଷ୍ଠତାନ ହ୍ରାସ କରୁଥିବାରୁ ଏହି ଦୁଇଟିକୁ ପୃଷ୍ଠ ସକ୍ରିୟକ କୁହାଯାଏ ।

ମୋଟାମୋଟି ଭାବରେ ସାବୁନ ଓ ଅପମାର୍ଜକ ଗୁଡିକ :-

1. ସଫାକରିବାର ମାଧ୍ୟମ ଆକାରରେ ବ୍ୟବହୃତ ହୁଅନ୍ତି ।
2. ଦ୍ରବଣରେ ଫେଣ ସୃଷ୍ଟି କରନ୍ତି ।
3. ଦ୍ରବଣର ପୃଷ୍ଠତାନ ହ୍ରାସ କରନ୍ତି,
4. ଅଣୁଗୁଡିକ ଦ୍ରବଣର ଉପରି ଭାଗରେ କେନ୍ଦ୍ରୀଭୂତ ହୁଅନ୍ତି,
5. ପୃଷ୍ଠ ସକ୍ରିୟ କାରକ,
6. ପୃଷ୍ଠ ସକ୍ରିୟକ,
7. ଗ୍ରିଜକୁ ପ୍ରାୟସୀ (emulsify) କରନ୍ତି ଓ
8. ମଇଳା ଦୂର କରି ପାରନ୍ତି ।

### ଜଳସ୍ନେହୀ ଓ ଜଳ ବିରାଗୀ ଭାଗ

ଉଭୟ ସାବୁନ ଓ ଅପମାର୍ଜକ ଅଣୁର ଦୁଇଟି ଭାଗ ଅଛି । ଏହାର ଏକ ଭାଗର ଲକ୍ଷଣ ମେରୁକୀୟ, Kûe Y G[ ûe Kûe ùa ðKþ ùf Uþ(- COO$^-$) ବା ସଲ୍‌ଫୋନେଟ୍ ($-SO_3^{2-}$) ଗ୍ରୁପ ଥାଏ । ମେରୁକୀୟ ଗ୍ରୁପ୍ ଜଳସ୍ନେହୀ ହୋଇଥିବାରୁ ଏହା ସାବୁନ ଓ ଅମମାର୍ଜକକୁ ଜଳରେ ଦ୍ରବୀଭୂତ କରାନ୍ତି । ସାବୁନ ଓ ଅପମାର୍ଜକର ଅନ୍ୟ ଏକ ଭାଗ ଅମେରୁକୀୟ ହୋଇଥିବାରୁ ଏହି ଭାଗ ଜଳବିରାଗୀ ।



ଟିପ୍ପଣୀ

ଏହି ଜଳବିରାଗୀ ଭାଗ ଯୋଗୁ ସାବୁନ ଓ ଅପମାର୍ଜକର ଅଣୁଗୁଡ଼ିକ ତେଲରେ ଦ୍ରବଣୀୟ । ସାବୁନ ଓ ଅପମାର୍ଜକ ଅଣୁର ଜଳସ୍ନେହୀ ଭାଗର ଲକ୍ଷଣକୁ ଭିତ୍ତିକରି ସାବୁନ ଓ ଅପମାର୍ଜକରେ ଅଣୁମାନଙ୍କୁ ଧନାୟନିକ (କେଟାୟନିକ୍) ଓ ଋଣାୟନିକ (ଆନାୟନିକ୍) ଶ୍ରେଣୀରେ ବିଭକ୍ତ କରାଯାଇଛି । ଉଦାହରଣ ସ୍ୱରୂପ ସାବୁନରେ କାର୍ବୋକ୍‌ସିଲେଟ୍ ଆୟନ୍ ଥିବାରୁ ଏହା ଋଣାୟନିକ ଶ୍ରେଣୀର । କୃତ୍ରିମ ଅପମାର୍ଜକରେ ସଲ୍‌ଫୋନେଟ୍ ଆୟନ୍ ଥିବାରୁ ସେମାନେ ମଧ ଋଣାୟନିକ ଶ୍ରେଣୀର (ସାରଣୀ 32.2) । ଋଣାୟନିକ ଶ୍ରେଣୀୟ ଅପମାର୍ଜକ ବହୁଳ ଭାବରେ ବ୍ୟବହାର କରାଯାଏ । କେତେକ କ୍ଷେତ୍ରରେ ଧନାୟନିକ ଓ ଋଣାୟନିକ ହୋଇନଥିବା ଶ୍ରେଣୀୟ ଅପମାର୍ଜକର ମଧ ବ୍ୟବହାର କରାଯାଏ ।

**ସାବୁନ :**

ଏହା ଦୀର୍ଘ ଶୃଙ୍ଖଳ ମେଦୀୟ ଅମ୍ଳର ସୋଡିୟମ୍ ବା ପୋଟାସିୟମ ଲବଣ । ଏହି ମେଦୀୟ ଅମ୍ଳଗୁଡ଼ିକ ତେଲ ଓ ଚର୍ବିରେ ଗ୍ଲିସେରାଇଡ୍ ଆକାରରେ ଥାଆନ୍ତି । ଗ୍ଲିସେରାଇଡ୍ ଗୁଡ଼ିକ ଗ୍ଲିସେରଲ ଓ ଦୀର୍ଘ ଶୃଙ୍ଖଳ କାରବୋକ୍‌ସିଲିକ ଏସିଡ୍ ଯଥା - ପାମିଟିକ୍ ଓ ଷ୍ଟିଅରିକ୍ ଏସିଡ୍‌ର ଇଷ୍ଟର ।

**ସାବୁନୀକରଣ (Saponification) :**

ସାବୁନୀକରଣ ସାବୁନ ତିଆରିର ଏକ ପଦ୍ଧତି । ସୋଡିୟମ ହାଇଡ୍ରୋକ୍‌ସାଇଡ୍ ବା ପୋଟାସିୟମ ହାଇଡ୍ରୋକ୍‌ସାଇଡ୍ ନାମକ କ୍ଷାରର ଉପସ୍ଥିତିରେ ତେଲ ବା ଚର୍ବିକୁ ଜଳ ବିଘଟନ କରାଇ ସାବୁନୀକରଣ କରାଯାଏ ।

$CH_2 - O - COR$      $CH_2OH$
|      |
$CH_2 - O - COR \; + 3NaOH \rightarrow$ $CHOH + 3\,RCOONa$
|      |    (ସାବୁନ)
$CH_2 - O - COR$      $CH_2OH$
(ତେଲ ବା ଚର୍ବି)      ଗ୍ଲିସେରଲ୍

(R = 12 ରୁ 18 କାର୍ବନ ଥିବା ଦୀର୍ଘ ଶୃଙ୍ଖଳ ଆଲକିଲ୍ ଗ୍ରୁପ)

**କୃତ୍ରିମ ଅପମାର୍ଜକ :**

ସାବୁନ ପରି କୃତ୍ରିମ ଅପମାର୍ଜକ ସଫାକରିବା ପାଇଁ ବ୍ୟବହାର କରାଯାଏ । ଏମାନଙ୍କର ରାସାୟନିକ ସଂରଚନାଅନୁଧ୍ୟାନ କଲେ ଜଣାଯାଏ ଯେ ଅପମାର୍ଜକ ଗୁଡ଼ିକ ଦୀର୍ଘ ଶୃଙ୍ଖଳ ଆଲକିଲ ହାଇଡ୍ରୋଜେନ ସଲଫେଟର ସୋଡିୟମର ଲବଣ ବା ଦୀର୍ଘ ଶୃଙ୍ଖଳ ଆଲକିଲ୍ ବେନ୍‌ଜିନ୍ ସଲଫୋନିକ ଏସିଡ୍‌ର ସୋଡିୟମ୍ ଲବଣ ।

$R - \overset{\Large O}{\underset{}{\|}}\!\!\!\!\; C - O^- Na^+$ (C=O) — ସାବୁନ

$R - O - \overset{O}{\underset{O}{\overset{\|}{\underset{\|}{S}}}} - O^- Na^+$ — ଅପମାର୍ଜକ

$R - C_6H_4 - O - \overset{O}{\underset{O}{\overset{\|}{\underset{\|}{S}}}} - O^- Na^+$ — ଅପମାର୍ଜକ

ଅପମାର୍ଜକ ଅଣୁ ଗୁଡ଼ିକ ଠିକ୍ ସାବୁନ ପରି । ଏଥିରେ ସାବୁନ ପରି ତୈଳରେ ଦ୍ରବଣୀୟ ଓ ଜଳରେ ଦ୍ରବଣୀୟ ଦୁଇଟି ଭାଗ ଥାଏ । ତୈଳରେ ଦ୍ରବଣୀୟ ଭାଗରେ ବହୁ କାର୍ବନ ପରମାଣୁ ଥିବା

**ମଡ୍ୟୁଲ-VIII(B)**

**ରସାୟନ ଏବଂ ଶିଳ୍ପ**



ଟିପ୍ପଣୀ

ଦୀର୍ଘ ଶୃଙ୍ଖଳ ଥାଏ ଓ ଜଳରେ ଦ୍ରବଣୀୟ ଭାଗରେ ବହୁ ପରମାଣୁ ଥିବା ଏକ ମେରୁକୀୟ ମୁଣ୍ଡ ଥାଏ । ଉଦାହରଣ ସ୍ୱରୂପ ସୋଡିୟମ୍ ଲରିଲ୍ ସଲ୍‌ଫେଟ୍‌ରେ 12 କାର୍ବନ ପରମାଣୁ ଥିବା ଆଲକିଲ୍ ଶୃଙ୍ଖଳ ଥାଏ । କାର୍ବନର ଏହି ଦୀର୍ଘ ଶୃଙ୍ଖଳ ଭାଗ ତୈଳରେ ଦ୍ରବଣୀୟ ଓ ସଲଫେଟ୍ ଭାଗଟି ଜଳରେ ଦ୍ରବଣୀୟ । ଜଳରେ ଦ୍ରବଣୀୟ ଭାଗକୁ ମେରୁକୀୟ ମୁଣ୍ଡ ଓ ତୈଳରେ ଦ୍ରବଣୀୟ ଭାଗକୁ ଅମେରୁକୀୟ ଲାଞ୍ଜ ବୋଲି କୁହାଯାଏ ।




ଅମେରୁକୀୟ ଲାଞ୍ଜ (ତୈଳରେ ଦ୍ରବଣୀୟ)     ମେରୁକୀୟ ଭାଗ (ଜଳରେ ଦ୍ରବଣୀୟ (ମୁଣ୍ଡ)

**କୃତ୍ରିମ ଅପମାର୍ଜକର ସୁବିଧା ଓ ଅସୁବିଧା :**

କେତେକ ଦୃଷ୍ଟିରୁ କୃତ୍ରିମ ଅପମାର୍ଜକ ସାବୁନଠାରୁ ଭଲ । କ୍ଷାରୀୟ ଜଳ ହେଲେ ମଧ୍ୟ ଅପମାର୍ଜକକୁ ଲୁଗା ସଫା କରିବାରେ ବ୍ୟବହାର କରାଯାଇପାରିବ । କ୍ଷାର ଜଳରେ ଥିବା କାଲସିୟମ ଓ ମ୍ୟାଗ୍ନେସିୟମ ଆୟନ୍ ଗୁଡିକ ଅପମାର୍ଜକର ଅଣୁ ସହ ମିଶି ଅନୁରୂପ ଲବଣ ତିଆରି କରନ୍ତି ଓ ଯାହାକି ଜଳରେ ଦ୍ରବଣୀୟ ।

ଯେଉଁ ଅପମାର୍ଜକରେ ଶାଖାଯୁକ୍ତ ଆଲକିଲ୍ ବେନ୍‌ଜିନ୍ ସଲଫୋନେଟ୍ ଥାଏ, ସେଗୁଡିକ ସଂପୂର୍ଣ୍ଣ ଜୈବିକ ଅବକ୍ଷୟ କ୍ଷମ ନୁହଁନ୍ତି । ସାବୁନ ସଂପୂର୍ଣ୍ଣ ଜୈବିକ ଅବକ୍ଷୟ କ୍ଷମ । ତେଣୁ ଅପମାର୍ଜକର ଅତ୍ୟଧିକ ବ୍ୟବହାର ମାନବ ସଭ୍ୟତା ପାଇଁ ଚିନ୍ତାର କାରଣ । କିନ୍ତୁ ସରଳ ରୈଖିକ ଆଲକିଲ୍ ବେନ୍‌ଜିନ୍ ସଲଫୋନେଟ୍‌ର ବ୍ୟବହାର ଫଳରେ ଏହି ସମସ୍ୟାର ଆଂଶିକ ସମାଧାନ ହୋଇପାରିଛି, କାରଣ ଏହାର ଜୈବିକ ଅବକ୍ଷୟ କ୍ଷମତା ଶାଖାଯୁକ୍ତ ଆଲକିଲ ବେନ୍‌ଜିନ୍ ସଲ୍‌ଫୋନେଟ୍ ଠାରୁ ଯଥେଷ୍ଟ ଅଧିକ ।

<u>ସାରଣୀ 32.2</u>

<u>ସାବୁନ ଓ କୃତ୍ରିମ ଅପମାର୍ଜକର ଶ୍ରେଣୀ ଓ ସେମାନଙ୍କର ଜୈବିକ ଅବକ୍ଷୟ କ୍ଷମତା</u>

| ସାବୁନ/ଅପମାର୍ଜକ | ଶ୍ରେଣୀ | ମେରୁକୀୟ ଗ୍ରୁପ | ଜୈବଅବକ୍ଷୟ କ୍ଷମତା |
|---|---|---|---|
| ସାବୁନ | ଋଣାୟନୀକ | କାରବୋକ୍‌ସିଲେଟ | 100% |
| ଶାଖାଯୁକ୍ତ ଅଲକିଲ ବେନ୍‌ଜିନ୍ ସଲଫୋନେଟ୍ | ଋଣାୟନୀୟ | ସଲ୍‌ଫୋନେଟ୍ | 50 - 60% |
| ସରଳ ରୈଖିକ ଆଲ୍‌କିଲ ବେନ୍‌ଜିକ ସଲ୍‌ଫୋନେଟ | ଋଣାୟନୀୟ | ସଲ୍‌ଫେଟ | 90% |
| ଲରିଲ୍ ଆଲକୋହଲ୍ | ଋଣାୟନୀୟ | ସଲଫେଟ୍ | 100% |

**ପାଠଗତପ୍ରଶ୍ନ 32.3**

1. ସାବୁନର ସକ୍ରୀୟ ଉପାଦାନ କ'ଣ ?

______________________________

2. ସାବୁନ ଉତ୍ପାଦନ ପାଇଁ କଞ୍ଚାମାଲ ଗୁଡିକ କ'ଣ ?

______________________________



ଟିପ୍ପଣୀ

3. ସାବୁନର କେଉଁ ଅଂଶକୁ ମେରୁକୀୟ ଭାଗ କୁହାଯାଏ ?

___

4. କୃତିମ ଅପମାର୍ଜକରେ ମେରୁକୀୟ ଭାଗ କାହାକୁ କୁହାଯାଏ ?

___

5. ସାବୁନର ତୈଳ ଦ୍ରବଣୀୟ ଭାଗ ଉଲ୍ଲେଖ କର ।

___

6. ଶାଖାଯୁକ୍ତ ଆଲକିଲ୍ ବେନ୍‌ଜିନ ସଲ୍‌ଫୋନେଟ୍ ସରଳ ରୈଖିକ ଆଲକିଲ୍ ବେନ୍‌ଜିନ୍ ସଲ୍‌ଫୋନେଟ୍ ଠାରୁ ଅଧିକ ଜୈବଅବକ୍ଷୟ କ୍ଷମ, ଏହା କ'ଣ ସତ୍ୟ ନା ମିଥ୍ୟା ?

___

## 32.5 ରକେଟ ପ୍ରପେଲାଣ୍ଟ

ରକେଟ୍ ପ୍ରଯୁକ୍ତି ବିଦ୍ୟାର କ୍ରମବିକାଶ ଓ ଉନ୍ନତ ରକେଟ ପ୍ରପେଲାଣ୍ଟର ବ୍ୟବହାର ଆମେରିକୀୟ ମହାକାଶଚାରୀ ମାନଙ୍କୁ ଚନ୍ଦ୍ରରେ ଅବତରଣ ଓ ରୁଷିଆର ମହାକାଶଚାରୀ ମାନଙ୍କୁ ମହାକାଶ ଯାତ୍ରାରେ ସକ୍ଷମ କରାଇପାରିଛି । ଉପଗ୍ରହ କ୍ଷେପଣ ଓ କ୍ଷେପଣାସ୍ତ୍ରର କ୍ରମବିକାଶ ରକେଟ ପ୍ରପେଲାଣ୍ଟର ଅଗ୍ରଗତି ଯୋଗୁ ସମ୍ଭବପର ହୋଇପାରିଛି ।

ମହାକାଶ ପ୍ରଯୁକ୍ତି ବିଦ୍ୟାର ସଦୁପଯୋଗ ଓ କ୍ରମବିକାଶରେ ଭାରତ ମଧ ଅଶାନୁରୂପ ଅଗ୍ରଗତି କରିପାରିଛି । ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ISRO) ଭାରତର ମହାକାଶ ପ୍ରଯୁକ୍ତି ବିଦ୍ୟାର ବିକାଶର ଏକ ମୁଖ୍ୟ ସଂସ୍ଥା ।

ଭାରତ ଯେଉଁ କ୍ଷେପଣାସ୍ତ୍ରର ବିକାଶ କରିଛି ସେଗୁଡ଼ିକୁ ଆମ ଦେଶର ପ୍ରତିରକ୍ଷାପାଇଁ ବ୍ୟବହାର କରାଯାଇ ପାରୁଛି । ଅନ୍ୟାନ୍ୟ ଦେଶ ମାନଙ୍କ ପରି ଭାରତ ମଧ ଉପଗ୍ରହ ଉତ୍‌କ୍ଷେପଣ ପାଇଁ ସକ୍ଷମ ହୋଇପାରିଛି ।

**ରକେଟ୍ ଇନ୍ଧନ :**

ଉପଗ୍ରହ ଗୁଡିକୁ ଉତ୍‌କ୍ଷେପଣ ଓ କ୍ଷେପଣାସ୍ତ୍ରଗୁଡିକୁ ଉତ୍‌ପ୍ରେରଣ ପାଇଁ ମହାକାଶ ରକେଟ୍ ବ୍ୟବହାର କରାଯାଏ । ଏହି ରକେଟ ଗୁଡିକ ଆତସବାଜି ରକେଟ୍ ପରି ନିଉଟନ୍‌ଙ୍କ ତୃତୀୟ ଗତିଜ ନୟମାନୁଯାୟୀ କାର୍ଯ୍ୟ କରେ । କିନ୍ତୁ ସେମାନଙ୍କର ଗଠନ ଓ ଇନ୍ଧନ ଅଧିକ ଜଟିଳ ।

**ରକେଟ୍‌ର ସ୍ୱତନ୍ତ୍ର ଇନ୍ଧନ :**

ରକେଟରେ ବ୍ୟବହୃତ ଇନ୍ଧନ କାର, ଟ୍ରକ୍ ବା ଉଡାଜାହାଜରେ ବ୍ୟବହୃତ ଇନ୍ଧନଠାରୁ ପୃଥକ୍ ରକେଟ୍ ଇନ୍ଧନ ଓ ସାଧାରଣ ଇନ୍ଧନ ମଧରେ ଥିବା ପାର୍ଥକ୍ୟ ନିମ୍ନରେ ପ୍ରଦତ୍ତ ହେଲା ।

1. ରକେଟ୍ ଇନ୍ଧନ, ରକେଟରେ ଖୁବ୍ କମ୍ ସ୍ଥାନ ଅଧିକାର କରିବା ଉଚିତ୍ । ଯଦି ଇନ୍ଧନ ବହୁତ ସ୍ଥାନ ଅଧିକାର କରେ ତେବେ ରକେଟ୍ ବହୁତ ବଡ଼ ଓ ଓଜନିଆ ହୋଇଯିବ । ଫଳ ସ୍ୱରୂପ ମହାକାଶରେ ଉଚ୍ଚକୁ ଯିବାକୁ ଏହା ଅଧିକ ପରିବେଗ କ୍ଷମତା ଲାଭ କରିପାରିବ ନାହିଁ ।
2. ଇନ୍ଧନର ଦହନ ପାଇଁ ରକେଟରେ ପ୍ରଚୁର ଅମ୍ଳଜାନ ବହନ କରିବାକୁ ପଡ଼େ । କାରଣ ମହାକାଶରେ ଅମ୍ଳଜାନ ଶୂନ୍ୟ ବା କମ୍ ଅମ୍ଳଜାନ ଥିବା ସ୍ଥାନ ମଧଦେଇ ରକେଟ୍‌କୁ ଯିବାକୁ ପଡିଥାଏ ।

**ରକେଟ୍ ପ୍ରପେଲାଣ୍ଟର ଶ୍ରେଣୀକରଣ :**

ଭୌତିକ ସ୍ଥିତି ଅନୁଯାୟୀ ରକେଟ ପ୍ରପେଲାଣ୍ଟର ଶ୍ରେଣୀ ବିଭାଗ କରାଯାଇଛି । ମୁଖ୍ୟ ଶ୍ରେଣୀୟ ରକେଟ୍ ପ୍ରପେଲାଣ୍ଟ ଗୁଡିକ ହେଲା-

1. କଠିନ ପ୍ରପେଲାଣ୍ଟ୍
2. ତରଳ ପ୍ରପେଲାଣ୍ଟ୍
3. ସଂକର ପ୍ରପେଲାଣ୍ଟ୍





**1. କଠିନ ପ୍ରପେଲାଣ୍ଟ୍:**

ସାଧାରଣତଃ ରକେଟ୍‌ରେ କଠିନ ପ୍ରପେଲାଣ୍ଟ୍ ବ୍ୟବହାର କରାଯାଏ । ଏହା କଠିନ ଇନ୍ଧନ ଓ କଠିନ ଜାରକର ମିଶ୍ରଣ । ଏହି ପ୍ରକାର ପ୍ରପେଲାଣ୍ଟ୍‌ରେ ପଲିଉରେଥେନ୍ ବା ପଲିବ୍ୟୁଟାଡାଇନ ପରି କଠିନ ବହୁଳକ ପଦାର୍ଥ ଇନ୍ଧନ ଭାବରେ ଓ କଠିନ ଆମୋନିୟମ୍ ପରକ୍ଲୋରେଟ୍ ଜାରକ ଭାବରେ ବ୍ୟବହାର କରାଯାଏ । ପ୍ରପେଲାଣ୍ଟ୍‌ର କାର୍ଯ୍ୟ ଦକ୍ଷତା ବୃଦ୍ଧିପାଇଁ ଏଥିରେ ସୁବିଭାଜିତ ଆଲୁମିନିୟମ ବା ମ୍ୟାଗ୍ନେସିୟମ୍ ପାଉଡ଼ର ମିଶାଯାଇଥାଏ ।

**ଦ୍ୱିଗୁଣ ଭିତ୍ତିକ ପ୍ରପେଲାଣ୍ଟ୍:**

ଏହା ଅନ୍ୟ ଏକ ପ୍ରକାର କଠିନ ପ୍ରପେଲାଣ୍ଟ୍ । ଏହା ନାଇଟ୍ରୋଗ୍ଲିସେରିନ୍ ଓ ନାଇଟ୍ରୋସେଲୁଲୋଜକୁ ନେଇ ଗଠିତ । ନାଇଟ୍ରୋଗ୍ଲିସେରିନ୍ ସହ ନାଇଟ୍ରୋସେଲୁଲୋଜ୍‌ର ଜେଲ୍ ମିଶିଲେ ଗୋଟିଏ କଠିନ ପଦାର୍ଥ ସୃଷ୍ଟିହୁଏ । ନାଇଟ୍ରୋଗ୍ଲିସେରିନ ଓ ନାଇଟ୍ରୋସେଲୁଲୋଜର ନାଇଟ୍ରୋଗ୍ରୁପରେ ପ୍ରଚୁର ଅମ୍ଳଜାନ ଥିବାରୁ ଏହା ଇନ୍ଧନର ଦହନରେ ସହାୟକ ହୁଏ । ତେଣୁ ଏଥିରେ ଜାରକର ମିଶ୍ରଣ ଦରକାର ପଡେନାହିଁ ।

କଠିନ ପ୍ରପେଲାଣ୍ଟକୁ ପୂର୍ବ ସ୍ଥିରିକୃତ ବେଗରେ ଦହନ କରାଯାଇପାରିବ । କଠିନ ପ୍ରପେଲାଣ୍ଟ୍ ଇନ୍ଧନର ଏକ ସମସ୍ୟା ଏହା ଯେ ଏହାର ଦହନ ଥରେ ଆରମ୍ଭ ହେଲେ ଦହନରବେଗ ପରବର୍ତ୍ତନ କରି ହୁଏ ନାହିଁ କିମ୍ବା ଏହାକୁ ବନ୍ଦ କରାଯାଇପାରେ ନାହିଁ ।

**2. ତରଳ ପ୍ରପେଲାଣ୍ଟ:**

ଏହା ତରଳ ଇନ୍ଧନ ଓ ତରଳ ଜାରକର ମିଶ୍ରଣ । ତରଳ ପ୍ରପେଲାଣ୍ଟର ଧକ୍‌କା ଦେବା ଶକ୍ତି କଠିନ ପ୍ରପେଲାଣ୍ଟ ଅପେକ୍ଷା ଅଧିକ । ତରଳ ପ୍ରପେଲାଣ୍ଟ୍‌ର ପ୍ରବାହକୁ ଜାରି ରଖିବା ଦ୍ୱାରା ଧକ୍‌କାକୁ ନିୟନ୍ତ୍ରଣ କରଯାଇପାରେ । ଇନ୍ଧନ ପ୍ରବାହର ଗତିକୁ ନିୟନ୍ତ୍ରଣ କଲେ ମଧ ଧକ୍‌କା ଦେବାଶକ୍ତିକୁ ନିୟନ୍ତ୍ରଣ କରାଯାଇପାରେ ।

ତରଳ ପ୍ରପେଲାଣ୍ଟ ଦୁଇ ପ୍ରକାର -

a) ଦ୍ୱି - ତରଳ ପ୍ରପେଲାଣ୍ଟ

b) ଏକକ ତରଳ ପ୍ରପେଲାଣ୍ଟ

**a) ଦ୍ୱି - ତରଳ ପ୍ରପେଲାଣ୍ଟ:**

ଏଥିରେ ତରଳ ଇନ୍ଧନ ଓ ତରଳ ଜାରକ ଥାଏ । ତରଳ ଇନ୍ଧନ ଓ ତରଳ ଜାରକକୁ ଦୁଇଟି ପୃଥକ୍ ଟାଙ୍କିରେ ରଖାଯାଇଥାଏ ଓ ଅଲଗା ଅଲଗା ପାଇପ ଦ୍ୱାରା ଜ୍ୱଳନ ପ୍ରକୋଷ୍ଠକୁ ନିଆଯାଇଥାଏ ।

ଯଦି ତରଳ ଅମ୍ଳଜାନକୁ ଜାରକ ଭାବରେ ଓ ତରଳ ଉଦ୍‌ଜାନକୁ ଇନ୍ଧନ ଆକାରରେ ବ୍ୟବହାର କରାଯାଏ, ତେବେ ଖୁବ୍ କମ୍ ତାପମାତ୍ରା ବଜାୟ ରଖିବା ଉଚିତ୍ । ତେଣୁ ଏଗୁଡିକୁ ସ୍ୱତନ୍ତ୍ର ଇଞ୍ଜିନ ମାଧମରେ ପାଇପ ଦ୍ୱାରା ଦହନ ପ୍ରକୋଷ୍ଠକୁ ନିଆଯାଏ । ଯେଉଁ ଇଞ୍ଜିନ୍‌ଗୁଡିକ ଖୁବ୍ କମ୍ ତାପମାତ୍ରାରେ କାର୍ଯ୍ୟ କରନ୍ତି ସେମାନଙ୍କୁ କ୍ରାଇଓଜେନିକ୍ ଇଞ୍ଜିନ୍ କୁହାଯାଏ । ପୃଥିବୀରେ ଖୁବ୍ କମ୍ ଦେଶର ଏହି ପ୍ରକାର ଇଞ୍ଜିନ ତିଆରି କରିବାର କ୍ଷମତା ଅଛି ।

ବହୁଳ ଭାବରେ ବ୍ୟବହୃତ ହେଉଥିବା ତରଳ ଇନ୍ଧନ - କିରୋସିନ, ଆଲକୋହଲ, ହାଇଡ୍ରାଜିନ୍, ତରଳ ଉଦ୍‌ଜାନ ଇତ୍ୟାଦି ଓ ତରଳ ଅମ୍ଳଜାନ, ନାଇଟ୍ରିକ ଅମ୍ଳ ଓ ନାଇଟ୍ରୋଜେନ ଟେଟ୍ରୋକ୍‌ସାଇଡ ($N_2O_4$) ମୁଖ୍ୟତଃ ଜାରକ ଭାବରେ ବ୍ୟବହାର କରାଯାଏ ।

**b) ଏକକ ତରଳ ପ୍ରପେଲାଣ୍ଟ:**

ଏଥିରେ ଗୋଟିଏ ରାସାୟନିକ ପଦାର୍ଥ ଥାଏ । ବିଘଟନ ବା ଦହନ ଦ୍ୱାରା ଏଥିରୁ ବହୁତ ପରିମାଣରେ ଗ୍ୟାସ ନିର୍ଗତ ହୁଏ । ହାଇଡ୍ରାଜିନ୍‌କୁ ଏକକ ତରଳ ପ୍ରପେଲାଣ୍ଟ ଭାବରେ ବ୍ୟବହାର କରାଯାଏ । ହାଇଡ୍ରାଜିନ୍‌କୁ ତ୍ୱରକ ଉପସ୍ଥିତିରେ ବିଘଟନ କଲେ ଯବକ୍ଷାରଜାନ ଗ୍ୟାସ ଓ ଉଦ୍‌ଜାନ ଗ୍ୟାସ



ଟିପ୍ପଣୀ

ବାହାରେ । ନାଇଟ୍ରୋମିଥେନ୍, ମେଥିଲିନ୍ ନାଇଟ୍ରେଟ୍, ହାଇଡ୍ରୋଜେନ୍ ପେରୋକ୍ସାଇଡ୍ ଇତ୍ୟାଦି ଏହି ପ୍ରକାର ପ୍ରପେଲାଣ୍ଟର ଅନ୍ୟ କେତେକ ଉଦହାରଣ ।

**3. ସଂକର ପ୍ରପେଲାଣ୍ଟ:**

ଏଥିରେ କଠିନ ଇନ୍ଧନ ଓ ତରଳ ଜାରକ ଥାଏ । ଏହି ପ୍ରପେଲାଣ୍ଟରେ ଆକ୍ରିଲିକ୍ ରବରକୁ ଇନ୍ଧନ ଓ ନାଇଟ୍ରୋଜେନ୍ ଟେଟ୍ରୋକ୍ସାଇଡ୍‌କୁ ଜାରକ ଭାବରେ ବ୍ୟବହାର କରାଯାଏ ।

**ବିଭିନ୍ନ ପ୍ରକାର ରକେଟରେ ବ୍ୟବହୃତ ପ୍ରପେଲାଣ୍ଟ:**

ଭିନ୍ନ ଭିନ୍ନ ମହାକାଶ ଯାତ୍ରାରେ ପୃଥକ୍ ପୃଥକ୍ ଇନ୍ଧନ ବ୍ୟବହାର କରାଯାଏ । କେତେକ ରକେଟ ମଧ ଦହନର ବିଭିନ୍ନ ଅବସ୍ଥାରେ ପୃଥକ୍ ଇନ୍ଧନ ବ୍ୟବହାର କରନ୍ତି ।

ଭାରତରେ SLV - 3 (ମହାକାଶ ଉତ୍‌କ୍ଷେପଣ ଯାନ - 3) ଓ ASLV (ବର୍ଦ୍ଧିତ ମହାକାଶ ଉତ୍‌କ୍ଷେପଣଯାନ) ମିଶ୍ରିତ କଠିନ ପ୍ରପେଲାଣ୍ଟ ବ୍ୟବହାର କରନ୍ତି । PSLV (ପୋଲାର ସାଟେଲାଇଟ ଉତ୍‌କ୍ଷେପଣଜାନ) ର ପ୍ରଥମ ଓ ତୃତୀୟ ଅବସ୍ଥାରେ ମିଶ୍ରିତ କଠିନ ପ୍ରପେଲାଣ୍ଟ ବ୍ୟବହାର ହୋଇଥିଲା, କିନ୍ତୁ ଦ୍ୱିତୀୟ ଅବସ୍ଥାରେ ଯେଉଁ ତରଳ ପ୍ରପେଲାଣ୍ଟ ବ୍ୟବହାର ହୋଇଥିଲା, ସେଥିରେ ନାଇଟ୍ରୋଜେନ ଟେଟ୍ରୋକ୍ସାଇଡ୍ ($N_2O_4$) ଜାରକ ଭାବରେ ଓ ଅସମମିତିକ ଡାଇମିଥାଇଲ ହାଇଡ୍ରାଜିନ୍ (UDMH) ଇନ୍ଧନ ଭାବରେ ବ୍ୟବହୃତ ହୋଇଥିଲା । ଚତୁର୍ଥ ଅବସ୍ଥାରେ ନାଇଟ୍ରୋଜେନଟେଟ୍ରୋକ୍ସାଇଡ୍ ($N_2O_4$) ଏବଂ ମନୋମିଥାଇଲ୍ ହାଇଡ୍ରାଜିନ୍ (MMH) କୁ ଇନ୍ଧନ ଭାବରେ ବ୍ୟବହାର କରାଯାଏ । ପୋଲାର ଉପଗ୍ରହ ଉତ୍‌କ୍ଷେପଣ କ୍ଷମତା ଥିବା 6ଟି ଦେଶମାନଙ୍କ ମଧରେ ଭାରତ ଅନ୍ୟତମ । ଅନ୍ୟ 5ଟି ଦେଶ ହେଉଛି ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ, ଚିନ୍, ଫ୍ରାନ୍‌ସ ଓ ଜାପାନ ।



ଅସମମିତିକ ଡ଼ାଇମିଥାଇଲ୍ ହାଇଡ୍ରାଜିନ୍ (UDMH)



ମନୋମିଥାଇଲ ହାଇଡ୍ରାଜିନ୍ (MMH)

ତୁମେ ସମ୍ବାଦପତ୍ରରୁ ଓ ଟେଲିଭିଜନରୁ ଭାରତର କ୍ଷେପଣାସ୍ତ୍ରର କ୍ରମବିକାଶ ବିଷୟରେ ଜାଣିଛ ଓ ଭାରତରେ ଯେଉଁ ସବୁ ପ୍ରକାର କ୍ଷେପଣାସ୍ତ୍ର ତିଆରି ହୋଇଛି ସେସବୁ ସହ ତୁମେ ପରିଚିତ । ଏମାନଙ୍କ ମଧରେ ବ୍ରାମୋସ୍, ଧନୁସ୍, ପୃଥିବୀ - I, ପୃଥିବୀ -II, ପୃଥିବୀ - III, ଅଗ୍ନି - I, ଅଗ୍ନି -II, ଆକାଶ, ତ୍ରିଶୂଳ, ନାଗ, ଅସ୍ତ୍ର ଇତ୍ୟାଦି ଅନ୍ୟତମ । ଏହି ସବୁ କ୍ଷେପଣାସ୍ତ୍ରରେ ଅଗ୍ନି ସଂଯୋଗ ପାଇଁ ଗୋଟିଏ ରକେଟ୍‌ର ଆବଶ୍ୟକତା ପଡିଥାଏ ।

ଅତିକାୟ ପ୍ରକ୍ଷେପ କ୍ଷେପଣାସ୍ତ୍ର ହାଇଡ୍ରାଜିନ୍‌କୁ ଇନ୍ଧନ ଭାବରେ ଓ ନାଇଟ୍ରୋଜେନ୍ ଟେଟ୍ରୋକ୍ସାଇଡକୁ ଜାରକ ଭାବରେ ବ୍ୟବହାର କରନ୍ତି । ସ୍ପେସ -ସଟଲ୍ (Space shuttle) ଗୁଡିକ ରକେଟ୍‌ରେ ନିମ୍ନାବସ୍ଥାରେ କଠିନ ବୁଷ୍ଟର ସହ ତରଳ ହାଇଡ୍ରାଜେନ ଓ ତରଳ ଅମ୍ଳଜାନର ମିଶ୍ରଣ ବ୍ୟବହାର କରନ୍ତି । ଆମେରିକୀୟ ମହାକାଶ ଯାତ୍ରାରେ ବ୍ୟବହୃତ ବୁଷ୍ଟର, ଦ୍ୱି - ତରଳ ପ୍ରପେଲାଣ୍ଟରୁ ଧକ୍‌କା ଦେବା ଶକ୍ତି ଲାଭ କରିଥାଏ । ଏହା ପ୍ରାରମ୍ଭିକ ଅବସ୍ଥାରେ କିରୋସିନ୍‌କୁ ଇନ୍ଧନ ଭାବରେ ଓ ତରଳ ଅମ୍ଳଜାନକୁ ଜାରକ ଭାବରେ ବ୍ୟବହାର କରିଥାଏ । ରକେଟ୍‌ର ପରିବର୍ତ୍ତୀ ଅବସ୍ଥାରେ ତରଳ ଅମ୍ଳଜାନ ଓ ତରଳ ହାଇଡ୍ରୋଜେନ୍ ବ୍ୟବହାର କରାଯାଇଥାଏ ।

**ପାଠଗତ ପ୍ରଶ୍ନ : 32.4**

1. ନିଉଟନ୍‌ଙ୍କ କେଉଁ ଗତିଜ ନିୟମ ରକେଟ୍‌ର ଗତି ନିର୍ଣ୍ଣୟ କରେ ?

______________________________

2. ରକେଟ୍‌ରେ ବ୍ୟବହୃତ ଇନ୍ଧନ ଓ ମୋଟର ଯାନରେ ବ୍ୟବହୃତ ଇନ୍ଧନ ମଧରେ ପ୍ରଭେଦ କ'ଣ ?

______________________________



ଟିପ୍ପଣୀ

3. ରକେଟ ପ୍ରପେଲାଣ୍ଟର ମୁଖ୍ୟ ଶ୍ରେଣୀ ଗୁଡ଼ିକ କଣ ?

---

4. ପ୍ରକ୍ଷେପ କ୍ଷେପଣାସ୍ତ୍ରରେ ବ୍ୟବହୃତ ଏକ ଜାରକର ନାମ ଲେଖ ।

---

## ତୁମେ କ'ଣ ଶିଖିଲ

- ଶୈଳରାସାୟନିକର ସଂଜ୍ଞା
- ଶୈଳରାସାୟନିକର ବିଭିନ୍ନ ବଂଶାନୁକ୍ରମର ରେଖାଚିତ୍ର
- ଶୈଳରାସାୟନିକର ବିଭିନ୍ନ ଉଦାହରଣ
- ବିଭିନ୍ନ ଶୈଳରାସାୟନିକର ବ୍ୟବହାର
- ବିଭିନ୍ନ ଶୈଳରାସାୟନିକର ସ୍ଥିତି ବିଷୟରେ ଧାରଣା
- ସାବୁନ ଓ ଅପମାର୍ଜକ ମଧ୍ୟରେ ପ୍ରଭେଦ
- ସାବୁନ ଓ ଅପମାର୍ଜକର ଜଳସ୍ନେହୀ ଓ ଜଳ ବିରାଗୀ ଭାଗ
- ସାବୁନ ତୁଳନାରେ ଅପମାର୍ଜକର ସୁବିଧା ଓ ଅସୁବିଧା
- ରକେଟ ପ୍ରପେଲାଣ୍ଟର ଶ୍ରେଣୀ ବିଭାଗ
- ବିଭିନ୍ନ ଶ୍ରେଣୀର ରକେଟ ପ୍ରପେଲାଣ୍ଟର ରାସାୟନିକ ସଂଯୁକ୍ତି
- ଭାରତୀୟ ମହାକାଶ ଯାତ୍ରାରେ ବ୍ୟବହୃତ ବିଭିନ୍ନ ପ୍ରକାର ପ୍ରପେଲାଣ୍ଟ

## ପାଠ୍ୟାନ୍ତ ପ୍ରଶ୍ନ

1. ପ୍ରାକୃତିକ ଗ୍ୟାସର ମୁଖ୍ୟ ହାଇଡ୍ରୋକାର୍ବନ କିଏ ?
2. ବିଭିନ୍ନ ଶୈଳରାସାୟନିକ ତିଆରି କରିବା ପାଇଁ ସାଧାରଣ ପ୍ରାରମ୍ଭିକ ରାସାୟନିକ ଦ୍ରବ୍ୟ ଗୁଡିକ କ'ଣ ?
3. "ଆଲକିନ୍ସ (ଅଲିଫିନ୍), ବେନ୍‌ଜିନ, ଟଲ୍ୟୁଇନ ଓ ଜାଇଲିନ୍ ପ୍ରାଥମିକ ଶୈଳରାସାୟନିକ" । ଏହା କଣ ସତ୍ୟ ?
4. କାର୍ବନ କଳାର ମୁଖ୍ୟ ବ୍ୟବହାର କ'ଣ ?
5. ମିଥାଇଲ ଆଲକୋହଲରୁ କେଉଁ କେଉଁ ମୁଖ୍ୟ ରାସାୟନିକ ପଦାର୍ଥ ତିଆରି କରାଯାଏ ?
6. ଏଥିଲିନ୍‌ରୁ ଭିନାଇଲ୍ କ୍ଲୋରାଇଡ୍ କିପରି ତିଆରି ହୁଏ ?
7. ଷ୍ଟାଇରିନ୍‌ର ବହୁଲୀ କରଣ ଯୋଗୁ କେଉଁ ବହୁଳକ ମିଳେ ?
8. ପାରାଜାଇଲିନ୍‌ର ଦହନ ଯୋଗୁ ଯେଉଁ ଡାଇକାର୍ବୋକ୍ସିଲିକ ଏସିଡ୍ ମିଳେ ତାହାର ନାମ କ'ଣ ?
9. କୃତିମ ଅପମାର୍ଜକ ତିଆରି ପାଇଁ ଯେଉଁ ପ୍ରାଥମିକ ଶୈଳରାସାୟନିକ ପରିଷ୍କୃତ ନାଫ୍‌ଥାରୁ ମିଳିଥାଏ ତାହାର ନାମ ଲେଖ ।
10. ରକେଟରେ ବ୍ୟବହୃତ ଇନ୍ଧନ ଓ ଘରୋଇ ଇନ୍ଧନ ମଧ୍ୟରେ ପ୍ରଭେଦ କଣ ?
11. ଦ୍ୱିଗୁଣ ଭିତ୍ତିକ ରକେଟ ପ୍ରପେଲାଣ୍ଟ କ'ଣ ?
12. କ୍ରାଇଓଜେନିକ୍ ଇଞ୍ଜିନ କହିଲେ କଣ ବୁଝ ?



ଟିପ୍ପଣୀ

## ପାଠଗତ ପ୍ରଶ୍ନର ଉତ୍ତର

**32.1.**

1. ପେଟ୍ରୋଲିୟମ ବା ଏହାର ଅଂଶରୁ ପ୍ରତ୍ୟକ୍ଷରେ ବା ପରୋକ୍ଷରେ ମିଳୁଥିବା ରାସାୟନିକ ପଦାର୍ଥଗୁଡିକୁ ଶୈଳରାସାୟନିକ କୁହାଯାଏ ।
2. ଯେଉଁ ମୂଳ ରାସାୟନିକ ପଦାର୍ଥରୁ ଶୈଳ ରାସାୟନିକପ୍ରସ୍ତୁତ କରାଯାଏ ତାହାକୁ Feed stock କୁହାଯାଏ ।
3. ପ୍ରାକୃତିକ ଗ୍ୟାସ ଓ ନାଫ୍‌ଥା
4. ଯେଉଁ ଶୈଳରାସାୟନିକ ଗୁଡିକ ବିଭିନ୍ନ ରାସାୟନିକ ପ୍ରକ୍ରିୟାର ଶେଷବସ୍ଥାରେ ମିଳନ୍ତି, ସେଗୁଡିକୁ ନିମ୍ନସ୍ରୋତି ରାସାୟନିକ କୁହାଯାଏ ।
5. ମିଥାଇଲ୍ କ୍ଲୋରାଇଡ୍ ପ୍ରଥମ ବଂଶୀୟ ଶୈଳରାସାୟନିକ ଓ ମିଥାଇଲ୍ ଆଲକୋହଲ୍ ଦ୍ୱିତୀୟ ବଂଶୀୟ ଶୈଳରାସାୟନିକ ।

**32.2.**

1. ପ୍ରାରମ୍ଭିକ ରାସାୟନିକ ଦ୍ରବ୍ୟରୁ ଯେଉଁ ଶୈଳରାସାୟନିକ ଗୁଡିକ ପ୍ରତ୍ୟକ୍ଷ ଭାବରେ ମିଳନ୍ତି ତାହାକୁ ପ୍ରାଥମିକ ଶୈଳରାସାୟନିକ କୁହାଯାଏ ।
2. ମିଥାଇଲ ଆଲକୋହଲ, ମିଥାଇଲ କ୍ଲୋରାଇଡ ଓ କାର୍ବନକଳା
3. ଆଇସୋପ୍ରୋପାଇଲ ଆଲ୍‌କୋହଲ୍, ପଲିପ୍ରୋପିଲିନ୍, କ୍ୟୁମିନ ଓ ଗ୍ଲିସେରଲ୍
4. ଭିନାଇଲ୍ କ୍ଲୋରାଇଡ୍, ଭିନାଇଲ୍ ଏସିଟେଟ୍, ଆକ୍ରିଲୋନାଇଟ୍ରାଇଲ୍ ଓ ଏସିଟାଲଡିହାଇଡ୍
5. ଇଥାଇଲ୍ ବେନ୍‌ଜିନ୍, କ୍ଲୋରୋବେନ୍‌ଜିନ୍, ନାଇଟ୍ରୋବେନଜିନ୍, ସାଇକ୍ଲୋହେକ୍‌ସେନ୍, ସରଳରୈଖିକ ଆଲକିଲ ବେନ୍‌ଜିନ ଓ ଶାଖାଯୁକ୍ତ ଆଲକିଲ ବେନ୍‌ଜିନ

**32.3**

1. ଉଚ୍ଚ ମେଦୀୟ ଅମ୍ଳର ସୋଡିୟମ ବା ପୋଟାସିୟମ ଲବଣ
2. ସୋଡିୟମ ବା ପୋଟାସିୟମ ହାଇଡ୍ରୋକ୍‌ସାଇଡ୍, ତୈଳ କିମ୍ବା ଚର୍ବି
3. କାରବୋକ୍‌ସିଲେଟ ଆୟନ୍
4. ସଲଫୋନେଟ ଆୟନ୍ (5) ଦୀର୍ଘ ଶୃଙ୍ଖଳ, ଆଲକିଲ ଗ୍ରୁପ (6) ମିଥ୍ୟା

**32.4.**

1. ତୃତୀୟ ଗତିଜ ନିୟମ
2. ରକେଟଗୁଡିକ ନିଜର ବ୍ୟବହାର ପାଇଁ ଆବଶ୍ୟକ ଅମ୍ଳଜାନ ବହନ କରୁଥିବାରୁ ସେଗୁଡିକ ହାଲୁକା ହେବା ଉଚିତ ଓ କମସ୍ଥାନ ଦଖଲ କରିବା ଉଚିତ୍ ।
3. କଠିନ, ତରଳ ଓ ସଂକର ପ୍ରପେଲାଣ୍ଟ